Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182

Rs - 5.00

ଭାଗ:୨, ସଂଖ୍ୟା: ୧୧, ଭୁବନେଶ୍ୱର, ଜାନୁୟାରୀ ୨୭- ଫେବୃୟାରୀ ୦୨, ୨୦୨୫, Vol: 2, Issue: 11, Bhubaneswar, January 27- February 02, 2025 Pages- 8

# ଡାକ୍ତରଖାନା : ଜୀବାଣୁଯୁକ୍ତ ଚପଲ ଓ ଆପ୍ରୋନ୍

ଉପସ୍ଥାପନା : କୈଳାସ ଚନ୍ଦ୍ର ଶତପଥୀ

ସୁସ୍ଥ ରହିବା ଆମର ନୈତିକ ଜୀବନର ଏକ ବଡ ଆହ୍ୱାନ, କାରଣ ଅସୁସ୍ଥ ହେଲେ ଆମେ ସମାଜ ପାଇଁ ଅକାମୀ ହେଇଯିବା ଏବଂ ନିଜ ପରିବାର ପାଇଁ ବୋଝ ପାଲଟିବା। ସୁସ୍ଥ ଜୀବନ ପାଇଁ ସମସ୍ତେ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ସହିତ ଯୋଗ, ବ୍ୟାୟାମ, ପ୍ରଣାୟାମ, ଖାଦ୍ୟ ଓ ପାନୀୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ଅସୁସ୍ଥତା ଠାରୁ ଦୂରେଇ ସୁସ୍ଥ ଜୀବନଯାପନ ପାଇଁ ଆଧୁନିକ ମାନବ ସମାଜ ବ୍ୟଗ୍ର, ହେଲେ ସାଂପ୍ରତିକ ଜୀବନଶୈଳୀ ଓ ଚିକିତ୍ସକଙ୍କ ବେପରୁଆ ଚିକିତ୍ସା ଓ ନିୟମ ସେଥିରେ ବାଧକ ସାଜିଛି। ବଡ ଅଜବ ଆମ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ନିୟମ। ଭରସା ଓ ବିଶ୍ୱାସର ସହ ଚିକିତ୍ସିତ ହେବାକୁ ଆସିଥିବା ରୋଗୀ ଓ ତାର ପରିବାରବର୍ଗ ଚିକିତ୍ସା ସାରି ଗଲାବେଳେ ସାଥିରେ ନେଇ ଯାଆନ୍ତି ଅନେକ ମାନସିକ ଯନ୍ତ୍ରଣା ଏବଂ ଡାକ୍ତରଖାନାର ବିଧି ଓ ବ୍ୟବସ୍ଥାକୁ ନେଇ ମନ ଭିତରେ ଅସମାହିତ କିଛି ପ୍ରଶ୍ନ।

ଡାକ୍ତରଖାନା କୈଣସି ଚଳଚିତ୍ର ପ୍ରେକ୍ଷାଳୟ ନୁହେଁ, ସେଠାକୁ କେହି ମନ ଖୁସିରେ ମନୋରଞ୍ଜନ କରିବା ପାଇଁ ଯାଆନ୍ତି ନାହିଁ। ସେମିତି ନିହାତି ଆବଶ୍ୟକ ହେଲେ ଜଣେ ଅନେକ ଆଶା ଓ ଭରସା ନେଇ ଡାକ୍ତରଖାନାକୁ ଯାଇଥାଏ। ତାକୁ ଭଗବାନଙ୍କ ଦ୍ୱିତୀୟ ଘର ବୋଲି ଭାବି ସେଠାରେ ଯିଏ ଯାହା ପରାମର୍ଶ ଦେଲା ତାକୁ ବିଶ୍ୱାସର ସହିତ ମାନିଥାଏ। ଦ୍ୱିତୀୟ ଭଗବାନ ଡାକ୍ତର ହୁଅନ୍ତୁ କିମ୍ବା ସେଠିକାର ସଫେଇ କର୍ମଚାରୀ ହୁଅନ୍ତୁ ସମସ୍ତଙ୍କ କଥାକୁ ରୋଗୀ'ଟି ଗ୍ରହଣ କରିଥାଏ। କାରଣ ଏହିକି ଯେ ନିଜର କିମ୍ବା ନିଜ ଆତ୍ମୀୟଙ୍କ ଚିକିତ୍ସାରେ କିଛି ଅବହେଳା ରହିନଯାଉ। ଏସବୁ ସରଳ ବିଶ୍ୱାସର ଫାଇଦା ଡାକ୍ତର ଓ ଡାକ୍ତରଖାନାର କର୍ମଚାରୀମାନେ ନେଇଥାନ୍ତି। ଆଜିର ସମୟରେ ଡାକ୍ତରଖାନା ଗୁଡ଼ିକର ଉଦ୍ଦେଶ୍ୟ ସେବା କମ ଓ ବ୍ୟବସାୟ ଅଧିକ। ଡାକ୍ତରଖାନା କର୍ତ୍ତୃପକ୍ଷ ବ୍ୟବସାୟ ବଢ଼ାଇବା ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। ବୀମା, ବ୍ୟାଙ୍କ୍ ଓ କୈାଣସି ସାମଗ୍ରୀ ବିକ୍ରି କମ୍ପାନୀର ସେଲ୍ସ ରିଭ୍ୟୁ ଭଳି ଏବେ ଡାକ୍ତରଖାନା ପରିଚାଳନା କର୍ତ୍ତୃପକ୍ଷ ଡାକ୍ତରମାନଙ୍କୁ ରୋଗୀ ଆଡ୍‌ମିଶନ୍ ଓ ଅନ୍ୟାନ୍ୟ ପରୀକ୍ଷା ସବୁର ଟାର୍ଗେଟ ଦେଇ ତାକୁ ହାସଲ କରିବା ପାଇଁ ଏକରକମ୍ ବାଧ୍ୟ କରୁଛନ୍ତି। ଏହି କାରଣରୁ ଡାକ୍ତରମାନେ ବିନା ଆବଶ୍ୟକତାରେ ରୋଗୀର ବିଭିନ୍ନ ପ୍ରକାର ଟେଷ୍ଟ ସବୁ କରାଇବାକୁ ଉପଦେଶ ଦେଉଛନ୍ତି ଓ ଆଡ୍‌ମିଶନ୍ ନିମନ୍ତେ ବାଧ୍ୟ କରୁଛନ୍ତି। ଦ୍ୱିତୀୟ କାରଣଟି ଅତ୍ୟନ୍ତ ସାଙ୍ଘାତିକ। ସାଧାରଣ ଲୋକଟିଏ ଡାକ୍ତରଙ୍କ କକ୍ଷ, ଚିକିତ୍ସା ୱାର୍ଡ ଓ ଆଇ.ସି.ୟୁ ଭଳି ସଂକ୍ରମଣ ସମ୍ବେଦନଶୀଳ ସ୍ଥାନକୁ ଚପଲ ପିନ୍ଧି ନଯିବା ପାଇଁ ଯେଉଁ କର୍ମଚାରୀ କିମ୍ବା ଡାକ୍ତର କୁହନ୍ତି, ସେହିମାନେ ନିଜେ ନିଜର ଚପଲ ପିନ୍ଧି ଭିତରକୁ ଯିବା-ଆସିବା କରିଥାନ୍ତି। ଅନ୍ୟ କିଛି ଡାକ୍ତରଖାନାରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଡାକ୍ତରଖାନା ଭିତରେ ବ୍ୟବହାର କରିବା ପାଇଁ ସ୍ୱତନ୍ତ୍ର ଚପଲ ଥାଏ। ସେମାନେ ତାକୁ ବ୍ୟବହାର କରିଥାନ୍ତି। କିନ୍ତୁ ବିଡମ୍ବନା ବିଷୟ ଏହିକି ଯେ, ଭିତର ପିନ୍ଧା ଚପଲ ପିନ୍ଧି ସେମାନେ ବାହାରକୁ କିମ୍ବା ଅନ୍ୟ କୈାଣସି ସ୍ଥାନକୁ ଆସି ବୁଲାବୁଲି କରନ୍ତି ଓ



ପୁଣି ସେହି ଚପଲକୁ ପିନ୍ଧି ଭିତରକୁ ଯାଆନ୍ତି। ଅଭିଯୋଗ କଲେ କୁହନ୍ତି ଯେ, ଏହା ଆମର ଭିତର ପିନ୍ଧା ଚପଲ। ସେଠାରେ କାମ କରୁଥିବା ସଫେଇ କର୍ମଚାରୀର ପାଦରେ ପାଦେ ମଇଳା ଲାଗିଥିଲେ ବି, ସେ



ଡାକ୍ତରଖାନା ଚପଲକୁ ପିନ୍ଧି ଆଇ.ସି.ୟୁ ଠାରୁ ଆରମ୍ଭ କରି ସଂକ୍ରମଣ ପ୍ରବଣ ସ୍ଥାନ ମାନଙ୍କରେ ଅନାୟସରେ ଯିବା-ଆସିବା କରିଥାଏ। କେହି'ବି ଅଭିଯୋଗ କରିବାକୁ ସାହାସ କରି ପାରନ୍ତି ନାହିଁ। ମୁହଁ ଖୋଲିଲେ ଡାକ୍ତର ବାବୁ ମଧ୍ୟ ଚିକିତ୍ସାରେ ଅବହେଳା କରିବାର ଭୟ ରହିଥାଏ।

ନିକଟରେ ଆମେ ଭୁବନେଶ୍ୱରରେ ଥିବା ଏକ ବଡ ହସ୍ପିଟାଲର ହୃଦ୍ ରୋଗ ବିଭାଗ ଅଧୀନସ୍ଥ କ୍ୟାଥ୍-ଲ୍ୟାବ୍ ପାଖରେ ଯାଇ ସ୍ଥିତି ଅନୁସନ୍ଧାନ କରିଥିଲୁ। ଉପରକୁ ସବୁ ଠିକ୍-ଠାକ୍ ଲାଗୁଥିଲା। ବାହାରେ ଥିବା ସିକ୍ୟୁରିଟି କର୍ମଚାରୀ ଜଣଙ୍କ ସମସ୍ତଙ୍କୁ ଜୋତା ଷ୍ଟାଣ୍ଡରେ ଜୋତା ରଖି ଅପରେଶନ୍ ପାଇଁ ଉଦ୍ଦିଷ୍ଟ ୱାର୍ଡ୍ ଓ ଅପରେଶନ୍ ହୋଇସାରିବା ପରେ ଅବଜରଭେସନ୍ ଗୃହକୁ ସମ୍ପର୍କୀୟ ମାନଙ୍କୁ ଛାଡୁଥନ୍ତି। ସେ ନିଜେ ହାତରେ ଗ୍ଲୋଭସ୍ ଲଗାଇବା ଭଳି ନିଜ ଜୋତା ଉପରେ ନୀଳ ରଙ୍ଗର ଏକ ପ୍ଲାଷ୍ଟିକ ଗ୍ଲୋଭସ୍ ପରିଧାନ କରିଥାନ୍ତି। କିନ୍ତୁ କଣ ହେବ, ସେହି ଅବସ୍ଥାରେ ସେ ଆଇ.ସି.ୟୁ ହେଉ କିମ୍ବା ଅପରେଶନ୍ ପରର ଅବ୍‌ଜରଭେସନ୍ ରୁମ୍ ହେଉ ସବୁ ଭିତରକୁ ସମାନ ଗ୍ଲୋଭ ଲଗା ଜୋତା ପିନ୍ଧି ଯାଉଥାନ୍ତି। ପରେ ବାହାରକୁ ଆସିବା ଏବଂ ସମସ୍ତେ ଯିବା-ଆସିବା କରୁଥିବା ଲବିକୁ ଆସି ପୁନଃ ଆବଶ୍ୟକତା ପଡ଼ିଲେ ଜୋତା ନଖୋଲି ଭିତରକୁ ଯାଉଥାନ୍ତି। ଆଉ କିଛି ଡାକ୍ତର ବାବୁଙ୍କ କଥା ନ କହିଲେ ଭଲ।ସେମାନେ ତ ନିଜର ଯୋତାକୁ ବି ଖୋଲନ୍ତି ନାହିଁ। ଆଇ.ସି.ୟୁ ବାହାରେ ଟଙ୍ଗା ଯାଇଥବା ଆପ୍ରୋନ୍, ଚିକିତ୍ସିତ ହେଉଥିବା ରୋଗୀକୁ ନିର୍ଦ୍ଧାରିତ ପରିଦର୍ଶନ ସମୟରେ ରୋଗୀର ସମ୍ପର୍କୀୟମାନେ ପିନ୍ଧିକି ଯିବାଟା ଏକ ବାଧ୍ୟତାମୁଳକ ନିୟମ। ସମୁଦାୟ ୪ ରୁ ୫ ଟି ଆପ୍ରୋନ ଏଥିପାଇଁ ସେଠାରେ ରହିଥାଏ। ଆଇ.ସି.ୟୁ'ରେ ଥିବା ରୋଗୀର ସମ୍ପର୍କୀୟମାନେ ଜଣ ଜଣ କରି ରୋଗୀକୁ ଦେଖି ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଜଣେ ଫେରିଲେ ତାର ଆପ୍ରୋନ୍'ଟି ଖୋଲି ଅନ୍ୟ ଜଣଙ୍କୁ ପିନ୍ଧିବାକୁ ଦେଇଥାଏ, ସେ ତାକୁ ପିନ୍ଧି ନିଜର ଚିକିତ୍ସିତ ରୋଗୀଙ୍କୁ ଦେଖା କରିବାକୁ ଯାଇଥାଏ। ଏହି ଭଳି ପ୍ରକ୍ରିୟା ପ୍ରାୟ ୩୦ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ। ଏଭଳି ଆପ୍ରୋନ୍ ପିନ୍ଧା ନିୟମ ରଖି ଲାଭ କଣ ? ଅଧ ଘଣ୍ଟା ମଧ୍ୟରେ ଗୋଟିଏ ଆପ୍ରୋନ୍'କୁ ପ୍ରାୟ ଦଶ ଜଣଙ୍କୁ ପିନ୍ଧିବାକୁ ପଡ଼ିଥାଏ। ଏକ ମଇଳା, ଚିରା ଓ ଫଟା ଆପ୍ରୋନ୍'କୁ ୧୦ ଜଣ ପିନ୍ଧିବା ଦ୍ୱାରା କାହା ଦେହରେ କଣ ଜୀବାଣୁ କି ଭୂତାଣୁ କି ଅନ୍ୟ ରୋଗର ବାହକ ଅଛନ୍ତି ତାହା ଅନ୍ୟ ଜଣଙ୍କ ଦେହକୁ ଯିବାର ସମ୍ଭାବନା ରହିଥାଏ। ସବୁଠାରୁ ଭୟଙ୍କର ସମସ୍ୟା ହେଲା ସେହି ଆପ୍ରୋନ୍'କୁ ପିନ୍ଧି ଆମେ ଯାଇ ଚିକିତ୍ସିତ ହେଉଥିବା ରୋଗୀ ପାଖରେ ଛିଡା ହୋଇ ତା ଦେହରେ ହାତ ମାରି, ଭଲ ମନ୍ଦ ବୁଝି ଆସୁଛେ। ଏହି ପ୍ରକ୍ରିୟା ଦ୍ୱାରା ଆମେ ସଂକ୍ରମଣକୁ ପ୍ରତିହତ କରୁଛେ ନା ଅଧିକ ପ୍ରସାରିତ କରୁଛେ ପାଠକେ ବିଚାର କରନ୍ତୁ। ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଏଥିପାଇଁ ନିୟମାବଳୀ ଆଣିବା ନିମନ୍ତେ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

- ➤ ଡାକ୍ତରଖାନାର ଅଜବ ନିୟମକୁ ସମସ୍ତେ ମାନିବା ପାଇଁ ବାଧ୍ୟ
- ➤ ଡାକ୍ତର ଓ କର୍ମଚାରୀମାନଙ୍କ ଚପଲ ସତେ ଯେମିତି ଜୀବାଣୁମୁକ୍ତ
- ➤ ଆପ୍ରୋନ ପିନ୍ଧି ରୋଗୀକୁ ଦେଖିଯିବା ନିୟମ କେବଳ ଧର୍ମକୁ ଆଖିଠାର
- ➤ ଡାକ୍ତରଙ୍କୁ ଦିଆଯାଉଛି ଆଡ଼ମିଶନ୍ ଓ ପରୀକ୍ଷା ନିରୀକ୍ଷା ଟାର୍ଗେଟ

## ଡାକ୍ତରଖାନରେ ଡାକ୍ତର ଓ କର୍ମଚାରୀଙ୍କ ଚପଲ ଓ ଆପ୍ରୋନ୍ ବିଷୟରେ ଅର୍ପିତା ମିଶ୍ରଙ୍କ ଉଦବେଗ

ଡାକ୍ତରଖାନା ହେଉଛି ଦ୍ୱିତୀୟ ମନ୍ଦିର ଆଉ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଭଗବାନ। ମଣିଷ ଯେତେବେଳେ ଜୀବନ-ମରଣର ଦୋ'ଛକିରେ ଝୁଲିଥାଏ ସେବେ ତାର ଜଣେ ହିଁ ଆଶ୍ରା ଥାଏ, ସେ ହେଉଛନ୍ତି ଡାକ୍ତର। ପୂର୍ବକାଳରେ ବୈଦ୍ୟରାଜମାନେ ଆୟୁର୍ବେଦିକ ଓ ଚେରମୂଳି ପ୍ରୟୋଗ କରି, ଜୀବନ ବଞ୍ଚାଉଥିବା ବେଳେ, ଏବେର ବଦଳୁଥିବା ସମୟ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରରେ ଡାକ୍ତରଖାନା ଗଢିଉଠୁଛି। ପ୍ରତି ପଞ୍ଚାୟତ, ବ୍ଲକ, ଜିଲ୍ଲା, ସହର, ସଦର ମହକୁମା, ରାଜ୍ୟ କି ଦେଶରେ ଡାକ୍ତରଖାନର ଅଭାବ ନାହିଁ। ସାମାନ୍ୟ ଥଣ୍ଡା ଜ୍ୱର ହେଲେ ମଧ୍ୟ ଆମେମାନେ ଡାକ୍ତରଙ୍କ ପରାମର୍ଶ ନିମନ୍ତେ ଡାକ୍ତରଖାନା ଯାଉଛେ। ଲୋକ ସଂଖ୍ୟା ବୃଦ୍ଧି ହେତୁ, ସମସ୍ତ ଡାକ୍ତରଖାନରେ କଟକଣା ଏବଂ ନିୟମର ମଧ୍ୟ ପାଳନ କରାଯାଉଛି। ଯେପରି କି, ଧାଡିରେ ଛିଡା ହୋଇ ଟିକେଟ କରିବା ହେଉ, କି ଚେକଅପ ନିମନ୍ତେ ନମ୍ବରିଙ୍ଗ କରିବା ହେଉ, ସବୁଠି ଉକ୍ତ ଡାକ୍ତରଖାନର ନିୟମାବଳୀକୁ ଅବଲମ୍ବନ କରିବା ହିଁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ପାଇଁ ବାଧ୍ୟତାମୂଳକ। ଏଭଳି ପରିସ୍ଥିତିରେ ଅନେକ ଡାକ୍ତରଖାନାରେ ଆଉଏକ ବିଚିତ୍ର ନିୟମ ରହିଛି, ଯାହା ହେଉଛି ଚପଲର ନିଷେଧ। ସାଧାରଣତଃ ଡାକ୍ତରଖାନାକୁ ଆମେ ଚପଲ ନେଇ ଯାଉଛେ ସତ କିନ୍ତୁ କେତେଟା ସ୍ଥାନ ଯଥା ଡାକ୍ତରଙ୍କ ଚ୍ୟାମ୍ବର ଭିତରକୁ ପ୍ରବେଶ କରିବା ସମୟରେ, କୌଣସି ପରୀକ୍ଷା ନିରୀକ୍ଷା ଅଥବା ରକ୍ତ ସଂଗ୍ରହ ରୁମ ଭିତରେ, ଜରୁରୀକାଳୀନ ସେବା ଚ୍ୟାମ୍ବର ହେଉ କି ଆଇ.ସି.ୟୁ ଭିତରେ ରୋଗୀକୁ ଭେଟିବା ଏଭଳି ଅନେକ ସ୍ଥାନକୁ ସାଧାରଣ ଲୋକ ଚପଲ ପିନ୍ଧି ଯିବା ନିଷେଧ କରାଯାଇଥାଏ। ଏହାର ଆବଶ୍ୟକତା ଯଦିଓ, ପରିଚ୍ଛନ୍ନତା ରକ୍ଷାକରିବା ଏବଂ ଡାକ୍ତରଖାନା ପରିସରକୁ ଜୀବାଣୁ ମୁକ୍ତ କରିବା ରହିଛି ତେବେ ଏହି ନିୟମ ସିକ୍ୟୁରିଟି, ନର୍ସ, ଡାକ୍ତର ଏପରିକି ଡାକ୍ତରଖାନାର ଅନ୍ୟ କର୍ମଚାରୀଙ୍କ କ୍ଷେତ୍ରରେ କାହିଁକି ଲାଗୁ ହେଉନି ? ଅନେକ ସମୟରେ ଦେଖିବାକୁ ମିଳିଛି ସେମାନେ, ନିତ୍ୟ ବ୍ୟବହାର କରୁଥିବା ଚପଲକୁ ପିନ୍ଧି ବାହାରକୁ ଯିବା ସଙ୍ଗେ ସଙ୍ଗେ ଉକ୍ତ ଚପଲ ପିନ୍ଧି ଡାକ୍ତରଖାନାର ଅନେକ ସମ୍ବେଦନଶୀଳ ସ୍ଥାନକୁ ମଧ୍ୟ ଯାଇଥାନ୍ତି। ଏହା ସହିତ ଡ୍ୟୁଟି ସମୟରେ ଡାକ୍ତରମାନେ ବ୍ୟବହାର କରୁଥିବା ଆପ୍ରୋନ୍ ମଧ୍ୟ ବର୍ଷ ବର୍ଷ ଧରି ସଫା ନହୋଇଥିବାର ଦେଖିବାକୁ ମିଳୁଛି। ଏଭଳି କ୍ଷେତ୍ରରେ ମେଡିକାଲର ସ୍ୱଚ୍ଛତା କେତେଦୂର ବଜାୟ ରହୁଛି ତାହା ବଡ଼ ପ୍ରଶ୍ନ। ରୋଗୀଙ୍କୁ ପରିଚ୍ଛନ୍ନ ତଥା ଜୀବାଣୁମୁକ୍ତ କରିବା ପାଇଁ କରାଯାଇଥିବା ନିୟମ କେବଳ କଣ ସାଧାରଣ ଲୋକଙ୍କ ପାଇଁ ? ଡାକ୍ତରଖାନାର କର୍ମଚାରୀ ଏବଂ ଡାକ୍ତରମାନେ ଏହାକୁ କେତେଦୂର ପାଳନ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ କଥା।

Cards Starting at just ₹ 10

FOR EXCLUSIVE WEDDING CARDS

ବନ୍ଧନ® ସୁ-ସମ୍ପର୍କ ଗଢେ

|| ବାହାଘର, ବ୍ରତଘର କିମ୍ବା କୌଣସି ଉତ୍ସବର ସମ୍ଭାର ନିମନ୍ତ୍ରଣ ପତ୍ର ଛାପିବାକୁ ଅଛି ଆମ ବନ୍ଧନ ପରିବାର ||

Bandhan® ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

## ସଂ ପା ଦ କୀ ୟ

# ଧନୀ ବିଶିଆ

ଇଂରାଜିରେ ଭଲ ଶତକଡା ନମ୍ବର ରହୁଥିଲା ଯେଉଁଦିନ ପର୍ଯ୍ୟନ୍ତ ସଭିଏଁ ଶିକ୍ଷକଙ୍କ କଥାକୁ ଅକ୍ଷରେ ଅକ୍ଷରେ ମାନି ପଢୁଥିଲେ ଓ ଲେଖୁଥିଲେ। ଯେଉଁଦିନ ଠାରୁ ସନ୍ଦେହ ମୁଣ୍ଡରେ ପଶିଲା ଓ ଶିକ୍ଷକଙ୍କୁ ପଚାରିଲେ ଆଜ୍ଞା ନଲେଜ୍ କାହିଁକି 'କେ' ରୁ ଆରମ୍ଭ ହଉଛି 'ଏନ' ରୁ କାହିଁକି ନୁହେଁ ? ସେହିଦିନ ଠାରୁ ଇଂରାଜୀରେ ମୁଣ୍ଡା ପାସ୍ ନାଇଁ ତ ଫେଲ୍। ଆଜିକା ସମୟରେ ସନ୍ଦେହ ରୂପୀ ଅସୁରର ଭୟାବହତା ବହୁତ ଅଧିକ। ସନ୍ଦେହର ଦୁନିଆ ଭିତରେ ସତ-ମିଛ ଓ ବାସ୍ତବତାକୁ ଠଉରେଇ ପାରିବା ଏକ କଷ୍ଟସାଧ ବ୍ୟାପାର କହିଲେ ମଧ ଅତ୍ୟୁକ୍ତି ହେବ ନାହିଁ। ପ୍ରତି ପାଦରେ ବିପଦ ଅଛି, ମାନେ ସତେ ଯେମିତି ଜାଲ ବିଛାଇ ଠକିବା ପାଇଁ ବସିଛି। ଏସ.ଏମ.ଏସ ଆସିଲେ ବିପଦ, କୌଣସି ଇଣ୍ଟରନେଟ ଲିଙ୍କ'କୁ ଛୁଇଁଲେ ବିପଦ, ଅଜଣା ନମ୍ବରରୁ କଲ ଗ୍ରହଣ କଲେ ବିପଦ, ଇ-ମେଲ୍ ରୁ ଲିଙ୍କ୍ ଗ୍ରହଣ କଲେ ବିପଦ, ହ୍ୱାଟ୍ସଆପ୍ ରୁ ଭିଡିଓ କଲ୍ ଗ୍ରହଣ କଲେ ତ ମହା ବିପଦ। ଏମିତିକି ଟ୍ରେନ କିମ୍ବା ବସ୍ ରେ ଯାତ୍ରା କଲା ବେଳେ ଅଜଣା ଲୋକ ସହ କଥା ହେବା ଏବଂ କାହାଠାରୁ ଖାଦ୍ୟ ଖାଇବା କଥା ଦୂରରେ ଥାଉ ଏପରିକି ପାଣି ଟୋପାଏ ମଧ ଗ୍ରହଣ କରିବାକୁ ସଭିଏଁ ମନାକରିଥାନ୍ତି। ଏଥିପାଇଁ ସାଧାରଣ ପ୍ରଶାସନ ଓ ପୋଲିସ ବିଭାଗ ଠାରୁ ଆରମ୍ଭ କରି ଅନେକ ବେସରକାରୀ ସଂସ୍ଥା ମଧ ଜନସାଧାରଣଙ୍କୁ ସତର୍କ କରିଆସୁଛନ୍ତି। ପ୍ରତି ପାଦରେ ବିପଦ ଓ ସନ୍ଦେହ ଥିବା ଦୁନିଆରେ ମୁଁ ବା ନିଃ-ସନ୍ଦେହି ହେବି କେମିତି ? ସେଦିନ ଥିଲା ରବିବାର ସନ୍ଧ୍ୟା ସମୟ। ବନ୍ଧୁ ବିରଞ୍ଚି ଓ ରଣଜିତ୍ ସହିତ ଲିଙ୍ଗରାଜ ମନ୍ଦିର ନିକଟରେ ପିତଳ ପାତ୍ରରେ ତିଆରି ହେଉଥିବା ସ୍ୱତନ୍ତ୍ର ସ୍ୱାଦର ଚା ପିଇବାକୁ ଅପେକ୍ଷା କରିଥାଉ। ଚା ଯେତିକି ଯେତିକି ସମୟ ଅଧିକ ଫୁଟୁଥାଏ ତାର ମହମହ ବାସ୍ନା ଆମର ପିଇବାର ଉତ୍କଣ୍ଠାକୁ ଦ୍ୱି-ଗୁଣିତ କରୁଥାଏ। ପ୍ରସ୍ତୁତି ସରିବା ପରେ ଦୋକାନୀ ଭାଇ ଜଣଙ୍କ ଛୋଟ ଛୋଟ କପ୍‌ରେ ଅପେକ୍ଷାରତ ଆମ ସହ କିଛି ଜଣଙ୍କ ହାତକୁ ଗରମ ଚା ବଢ଼ାଇ ଦେଲେ। ଆମର ଚା ପିଆ ସହିତ ସୁଖ-ଦୁଃଖ କଥାବାର୍ତ୍ତା ଚାଲିଥିବା ବେଳେ ଆମ ପାଖରେ ଠିଆ ହୋଇ ଚା ପିଉଥିବା ସାଢ଼େ ତିନି ଫୁଟିଆ ଲୋକ ଜଣକ ଆମ କଥାବାର୍ତ୍ତା ଭିତରେ ପଶି କଥାବାର୍ତ୍ତା କରିବା ଆରମ୍ଭ କରିଦେଲେ। ଯଥା ଚା କେମିତି ସ୍ୱାଦ ଲାଗୁଛି, ଏଠାରେ ଆଗରୁ କେମିତି ଲିଙ୍ଗରାଜ ଥାନା ସହିତ କେତେ ଘର ଓ ଦୋକାନ ଥିଲା, ଏବେ କେମିତି କୃତ୍ରିମ ଗଛ ସବୁ ଲାଗିଛି। ଲୋକଟି ହସହସ ମୁହଁରେ ବହୁତ କଥା କହି ଆମମାନଙ୍କ ସହ ଭାବ ବିନିମୟ ପାଇଁ ଚେଷ୍ଟା କରୁଥାଏ। ସନ୍ଦେହ ଓ ବିପଦଭରା ଦୁନିଆର ମଣିଷ ହିସାବରେ ଟିକେ ଅଧିକ ସଚେତନ ହେତୁ ଆମେମାନେ ଲୋକଟିର କଥାକୁ ଅଣଦେଖା କରି ଚାଲିଲୁ। କିଏ ହୋଇଥିବ ? ତାକୁ ଚିହ୍ନିନୁ କି ଜାଣିନୁ, କାହିଁକି କଥା ଆଗକୁ ବଢ଼ାଇବା ସେହି ଫର୍ମୁଲାରେ ଆମେ କେବଳ ହଁ ଆଉ ନାଇଁରେ ମୁଣ୍ଡକୁ ହଲାଇ ସମ୍ପର୍କକୁ ଆଗକୁ ବଢ଼ାଇଲୁ ନାହିଁ। ଲୋକଟି କିନ୍ତୁ ନଛୋଡବନ୍ଧା ଥିଲା, ଆଉ ପାଦେ ପାଖକୁ ଚାଲି ଆସି କହିଲା 'ଜୀବନରେ କଣ ଅଛି କହିଲେ ? ହସି କି ପଦେ କଥା ହୋଇଯିବା ପାଇଁ କଣ ପଇସା ଦେବାକୁ ପଡୁଛି ? କିଏ କେତେବେଳେ ଆସିବ ଆଉ ଯିବ ତାହା ତ ସିଏ ବିଚାର କରୁଛି କହି ଆମକୁ ଶିବଧନୁ ଉପରେ ଉଡୁଥିବା ଲିଙ୍ଗରାଜ ମହାପ୍ରଭୁଙ୍କ ବାନା ଆଡ଼କୁ ହାତ ବଢାଇ ଦେଖାଇ ଦେଲା। ସେତିକିରେ ମୋତେ ସେ ଲୋକଟିର ମଳିନ ଚେହେରାର ନିରୀହ ହସହସ ମୁହଁ ଭିତରୁ ତାର ନିଛକ ମନ ଓ ଖୋଲା ହୃଦୟର ଭାବନା ସ୍ପଷ୍ଟ ଦେଖାଯାଇଥିଲା। ସନ୍ଦେହ ଭିତରୁ ବାହାରି ତା ସହ ଏଥର କଥା ହେଲି। ସେ ତା ନାଆଁ ବିଶିଆ ବୋଲି କହିଲା, ସୁନ୍ଦରପଦାରେ ଘର। ପାଠ କିଛି ପଢ଼ିନି। ଦୀର୍ଘ ତିରିଶି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନିୟମିତ ଘରଠାରୁ ହାଟସାହି ରାସ୍ତା ଦେଇ ଚାଲିଚାଲି ରବି ଟକିଜ୍ ଛକ ପର୍ଯ୍ୟନ୍ତ କାମ ସନ୍ଧାନରେ ଆସିଥାଏ। ଘରବାଡ଼ି ସଫା ଠାରୁ ଆରମ୍ଭକରି ଯେତେବେଳେ ଯାହା କାମ ମିଳିଲା କରିଥାଏ। ମଜୁରୀ ଟଙ୍କା ଧରି ସନ୍ଧ୍ୟାରେ ପୁଣି ଚାଲିଚାଲି ଏହି ବାଟ ଦେଇ ଫେରିବା ବେଳେ ଏହିଠାରେ ଚା ଟିକିଏ ପିଇ ଥାଏ ବୋଲି ପ୍ରକାଶ କରିଥିଲା। ଘରେ ସ୍ତ୍ରୀ ଓ ୧୩ବର୍ଷର ପୁଅକୁ ନେଇ ତାର ସଂସାର। ପୁଅ ଓଡ଼ିଆ ମାଧ୍ୟମ ସ୍କୁଲରେ ପାଠ ପଢି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଛି ବୋଲି ବି ଖୁସିରେ କହିଥିଲା। ସକାଳେ ଖାଇସାରି ଘରୁ ବାହାରିବା ବେଳେ ପ୍ରତିଦିନ ପତ୍ନୀ ହାତ ଖର୍ଚ୍ଚ ପାଇଁ ୨୦ଟଙ୍କା ଦେଇଥାନ୍ତି। ଆଜି ଅପେକ୍ଷା କରି କାମ କିଛି ନମିଳିବା କଥାକୁ ବି ସେ ମନ ଦୁଃଖରେ ନୁହଁ ବରଂ ହସି ହସି ପ୍ରକାଶ କରିଥିଲା। ସବୁ ଭଗବାନଙ୍କ ଇଚ୍ଛା ବୋଲି କହି ତାଙ୍କ ଯୋଗୁ ସଂସାର ଚାଲିଥିବା କଥା ବିଶ୍ୱାସର ସହ ପ୍ରକାଶ କରିଥିଲା। ମୁଁ ସିନା କଥା ହେଉଥାଏ କିନ୍ତୁ ମନେମନେ ନିଜକୁ ଧିକ୍କାର କରୁଥାଏ କାହିଁକି ଲୋକଟିକୁ ଆରମ୍ଭରୁ ମୁଁ ସନ୍ଦେହ କଲି ? ତା କଥାକୁ ଅଣଦେଖା କଲି ? କେଡେ ନିର୍ମଳ ହୃଦୟର ସରଳ ଲୋକଟିଏ ବିଶିଆ। ଗରିବ ଲୋକଟିକୁ କିଛି ସାହାଯ୍ୟ କରିବା ଉଚିତ୍ ବୋଲି ଭାବୁଥାଏ। ଅନ୍ତତଃ ବିଶିଆ'ର ଆଜିର ଚା-କପ୍ ର ପଇସା ଦେଇଦେବା ନିଷ୍ପତି ନେଇ ତାକୁ ଚା ପଇସା ଆମେ ଦେଇଦେବୁ ବୋଲି ଯେତେବେଳେ କହିଲି ସେତେବେଳେ ସେ କହିଲା ମୁଁ ତିନି ଜଣଙ୍କ ଚା ପଇସା ପନ୍ଦର ଟଙ୍କା ଦେଇଦେଇଛି। ହସି ହସି ଖୁସିରେ କହିଲା, ଆଜି ତ କାମ ମିଳିଲା ନାହିଁ, ରୋଜଗାର କିଛି ନାହିଁ, ସ୍ତ୍ରୀ ଦେଇଥିବା ୨୦ ଟଙ୍କାରୁ ଜଳଖିଆ କିଛି ନ ଖାଇ ଦିନ ବେଳା କପେ ଚା କେବଳ ପିଇ ଥିଲି। ପନ୍ଦର ଟଙ୍କା ବଳିଥିଲା। ଆପଣ ମାନଙ୍କ ସହ କଥା ହୋଇ ଭଲ ଲାଗିଲା। ଆପଣମାନଙ୍କୁ ମୁଁ ଆଉ କଣ ଦେଇ ପାରିଥାନ୍ତି ଯେ ? ବଳିଥିବା ପନ୍ଦର ଟଙ୍କାକୁ ଦେଇ ଦେଇଛି। ତା'ର ଏହି କଥା ପଦକ ମୋ ମନକୁ ଭାରି ଛୁଇଁଲା। ବହୁ ଧନ ପାଖରେ ଥାଇ ସାମାନ୍ୟ ଦାନ ଦେଇ ଆଜିର ଲୋକମାନେ ବଡ ହୃଦୟବାନ ବୋଲାଉଥିବା ବେଳେ ଧନୀ ବିଶିଆର ହୃଦୟବତ୍ତା ପାଖରେ ମୋ ମୁଣ୍ଡ ନଇଁ ଯାଇଥିଲା।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।
ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧ ୪ ୧ ୭୩୬ ୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସନାତନ ରାଷ୍ଟ୍ର ଭାରତ



ସର୍ବେଶ୍ୱର ବେହେରା

ବ୍ରିଟିଶ ବିଦ୍ୱାନମାନେ ଭାରତୀୟ ରାଷ୍ଟ୍ରବାଦ କିମ୍ବା ଭାରତ ସମ୍ବନ୍ଧରେ ସର୍ବଦା ଭ୍ରମାତ୍ମକ ତଥ୍ୟ ଉପସ୍ଥାପନା କରିଛନ୍ତି। ସେମାନେ ପାଶ୍ଚାତ୍ୟ ତଥା ରାଜନୈତିକ ଢାଞ୍ଚାର ଆଧାରରେ ଏହାର ମୂଲ୍ୟାଙ୍କନ କରିଛନ୍ତି । ସେମାନଙ୍କ ମତରେ ଭାରତରେ କଦାପି ରାଷ୍ଟ୍ରବାଦ କିମ୍ବା ରାଷ୍ଟ୍ରୀୟତା ବିଚାର ନଥିଲା କିମ୍ବା ଏଠାରେ କୌଣସି ରାଷ୍ଟ୍ରୀୟ ବିଚାର ଦେଖାହୋଇଥିଲା । ପ୍ରାରମ୍ଭରୁ ସେମାନେ ଭାରତର ପ୍ରାଚୀନ ସାହିତ୍ୟ ପ୍ରତି ସମ୍ପୂର୍ଣ୍ଣ ଅଜ୍ଞାନୀ ଓ ବିମୂଢ଼ ଥିଲେ ।

ଭାରତୀୟ ରାଷ୍ଟ୍ର ତଥା ରାଷ୍ଟ୍ରୀୟତାର ବିକାଶ ଅତ୍ୟନ୍ତ ପ୍ରାଚୀନ। ସ୍ୱାମୀ ବିବେକାନନ୍ଦଙ୍କ ଅନୁସାରେ ତଥାକଥିତ ପ୍ରାଚୀନ ରାଷ୍ଟ୍ର ଗୁଡ଼ିକରେ ବିଶ୍ୱରେ କୌଣସି ଚିହ୍ନବର୍ଣ୍ଣ ନଥିଲା, ଯେବେ ଭାରତରେ ଏକ ରାଷ୍ଟ୍ର ଉଦୀୟମାନ ଥିଲା । ସେ ଭାରତୀୟ ରାଷ୍ଟ୍ରକୁ ସମସ୍ତ ରାଷ୍ଟ୍ରଗୁଡ଼ିକର ଧର୍ମଚାରୀ (ଧାର୍ମିକ) ରାଷ୍ଟ୍ର ରୂପେ ସ୍ୱୀକାର କରିଛନ୍ତି । ଭାରତୀୟ ରାଷ୍ଟ୍ରୀୟତାର ମୂଳ ତତ୍ତ୍ୱ ୟୁରୋପ ପରି କୌଣସି ଯୁଦ୍ଧ କିମ୍ବା ବାଣିଜ୍ୟ କିମ୍ବା ଅନ୍ୟ କୌଣସି ଚୁକ୍ତିର ପରିଣାମ ନୁହେଁ । ସର୍ବଦା ଭାରତ ରାଷ୍ଟ୍ରୀୟତାର ଆଧାର ମାତୃଭୂମି ପ୍ରତି ଅପାର ଭକ୍ତି ତଥା ସାଂସ୍କୃତିକ ଜୀବନ ଆଦର୍ଶକୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ।

ଇଂରେଜମାନେ ଭାରତରୁ ବହୁତ ଲୁଣ୍ଠନ କରିଥିଲେ । ବ୍ରିଟିଶ ସମ୍ରାଟ ଓ ସେମାନଙ୍କ କର୍ମଚାରୀମାନେ ମଧ ଏଥିରେ ଲିପ୍ତ ଥିଲେ। କିଛିବର୍ଷ ପରେ ଊନବିଂଶ ଶତାବ୍ଦୀରେ ଇଂରେଜମାନେ ଅଷ୍ଟ୍ରେଲିଆ ଓ ଉତ୍ତର ଆଫ୍ରିକା ପରି ସେଠାକାର ମୂଳ ବାସିନ୍ଦାମାନଙ୍କୁ ଧ୍ୱଂସ କରି, ଭାରତରେ ସ୍ଥାୟୀ ଇଂରେଜ କଲୋନୀ ତଥା ଭାରତକୁ ଏକ ଖ୍ରୀଷ୍ଟିଆନ ଦେଶରେ ରୂପାନ୍ତରିତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ଏ ସମ୍ବନ୍ଧରେ ଅନେକ ଗୁପ୍ତ ଦସ୍ତାବେଜ ଉପଲବ୍ଧ ଅଛି । କିନ୍ତୁ ସେମାନେ ଭାରତୀୟ ରାଷ୍ଟ୍ରବାଦକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାରେ ଅସମର୍ଥ ହୋଇଥିଲେ।

ବ୍ରିଟିଶ ପ୍ରଶାସକ ତଥା ବିଦ୍ୱାନମାନେ ପରିସ୍ଥିତି ଅନୁସାରେ ଭାରତ ରାଷ୍ଟ୍ର ସମ୍ବନ୍ଧରେ ଏଣ୍ଡୁଅ ପରି ରଙ୍ଗ ପରିବର୍ତ୍ତନ କରିଥିଲେ । ପ୍ରଥମେ ସେମାନେ ଭାରତର ରାଷ୍ଟ୍ରୀୟ ଅସ୍ତିତ୍ୱକୁ ପ୍ରତ୍ୟାଖ୍ୟାନ କରିଥିଲେ। ଭାରତରେ ଊନବିଂଶ ଶତାବ୍ଦୀରେ ଉଦୟ ହୋଇଥିବା ରାଷ୍ଟ୍ର ତଥା ରାଷ୍ଟ୍ରୀୟତାର ଚିନ୍ତନକୁ ଇଂରେଜମାନଙ୍କର ଦାନ ବୋଲି କହିଥିଲେ। ଭାରତର ଅତୀତର ସଂକଳ୍ପନାକୁ ଯୋଜନାବଦ୍ଧ ପଦ୍ଧତିରେ ସେମାନେ ସ୍ୱୀକାର କରିନଥିଲେ । ଜନ ମେଲକାମ (୧୭୬୯-୧୮୩୩) କହିଥିଲେ 'ଭାରତ କୌଣସି ଏକ ଦେଶ ନୁହେଁ, ପରନ୍ତୁ ଏହା ଏକ ଉପମହାଦ୍ୱୀପ କିମ୍ବା ଏହା ଏକ ବିସ୍ତୃତ ମହାଦ୍ୱୀପ ।' ମାଉଣ୍ଟ ଷ୍ଟୁଆର୍ଟ ଏଲିଫିଷ୍ଟନ (୧୭୭୯-୧୮୫୯) ମଧ ଭାରତକୁ ଏକ ଉପମହାଦ୍ୱୀପ କହିଥିଲା । ସେ ଭାରତକୁ ଦଶ ରାଷ୍ଟ୍ରର ଏକ ସମୂହ ରୂପେ ପରିଗଣିତ କରିଥିଲା, ଯେଉଁଥିରେ ଖ୍ରୀଷ୍ଟିଆନ ରାଷ୍ଟ୍ରଗୁଡ଼ିକ ପରି ସମରୂପତା ପ୍ରଦର୍ଶନ କରାଯାଇଥିଲା । ବ୍ରିଟିଶ ସୁଧାରକ ଜନ ବ୍ରାଇଟ୍ ୧୮୫୨ ମସିହାରେ ବ୍ରିଟିଶ ସଂସଦରେ ଭାରତରେ ରାଷ୍ଟ୍ରୀୟତାର ଘୋର ଅଭାବ' ରୂପେ ଭାଷଣ ଦେଇଥିଲା । ସେ ଭାରତରେ ୨୦ଟି ପ୍ରାନ୍ତୀୟ ଭାଷା ଆଧାରରେ ଏହାକୁ ୨୦ଟି ରାଷ୍ଟ୍ରମାନଙ୍କର ସମୂହ ବୋଲି କହିଥିଲା । ବ୍ରିଟିଶ ପ୍ରଶାସକମାନେ ତଥା ଇତିହାସକାରମାନେ ଯଥା ଜେମ୍ସ ବାଡ଼ (୧୭୮୨-୧୮୩୫), କ୍ୟାଷ୍ଟେନ ଜେମ୍ସ ଗ୍ରାଣ୍ଟ ଡଫ (୧୭୮୯-୧୮୫୮) ତଥା ଜେ.ଡି.କନ୍ନିପମ (୧୮୧୨-୧୮୫୧) ନିଜ ନିଜ ପ୍ରଦେଶରେ ସ୍ଥାନୀୟ ଲୋକମାନଙ୍କର ରାଷ୍ଟ୍ରୀୟ ଭାବନାକୁ ଗ୍ରହଣ କରିଥିଲେ । ସେମାନେ ସମଗ୍ର ଭାରତ ରାଷ୍ଟ୍ରରେ ରାଷ୍ଟ୍ରବାଦର ଭାବନାକୁ ଘୋର ସମାଲୋଚନା କରିଥିଲେ। ବ୍ରିଟିଶ ଇତିହାସକାର ଡବ୍ଲ୍ୟୁ ଡବ୍ଲ୍ୟୁ ଭଣ୍ଟର (୧୮୪୦-୧୯୦୦)ରେ ସର୍ବପ୍ରଥମେ କହିଥିଲା ଯେ ଭାରତ ଏକ ନିର୍ମାଣାଧୀନ ରାଷ୍ଟ୍ର (A Nation in making) ପୁଣି କହିଥିଲା ଯେ ଭାରତ ଏକ ମହାଦ୍ୱୀପ, ଯେଉଁଥିରେ ଅନେକ ଜାତି ଓ ଗୋଷ୍ଠୀ ଅଛନ୍ତି। ଅନ୍ୟ ଇତିହାସକାରମାନେ ମଧ ଏପରି ଭାଷାକୁ ଦୋହରାଇଥିଲେ । ସାର ଜନ ଷ୍ଟ୍ରେଚି ୧୮୮୪ ଖ୍ରୀଷ୍ଟାବ୍ଦରେ କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଭାଷଣ ଦେଇ କହିଥିଲେ ଯେ "ଭାରତ କୌଣସି ଏକ ନୁହେଁ, ଏହା ଏକ ବଡ଼ ମହାଦ୍ୱୀପ । ଭାରତରେ ଗୋଟିଏ ରାଷ୍ଟ୍ରୀୟତାର ବିଚାର ଅସମ୍ଭବ ।"

ବିଂଶ ଶତାବ୍ଦୀ ପ୍ରାରମ୍ଭରେ ମଧ ବି.ଏ.ସ୍ମିଥ, ବି.ସିରୋଇ ତଥା ଏଚ.ଏଚ.ଡାକୱେଲ ମଧ ଏହିପରି ସମାନ ବ୍ୟାଖ୍ୟା କରିଥିଲେ । କଂଗ୍ରେସ ଦଳର ପ୍ରତିଷ୍ଠାତା ଏ.ଓ.ହ୍ୟୁମ ମଧ ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ଏହି ବିକୃତି ଓ ଭ୍ରମାତ୍ମକ ପ୍ରଚାରକୁ ପ୍ରଚଳନ କରିଥିଲା । କଂଗ୍ରେସର ଅଧ୍ୟକ୍ଷତା କରି ସେ ଏହାକୁ ଜୋର ଦେଇଥିଲା । ତାଙ୍କ ପରେ ମଧ କଂଗ୍ରେସର ଅନେକ ଅଧ୍ୟକ୍ଷମାନେ ଭାଷଣ ଦେଇ ଦୋହରାଇଥିଲେ ଯେ ଭାରତ ଏକ ନିର୍ମାଣାଧୀନ ରାଷ୍ଟ୍ର । (A Nation in making).

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ପରି ବିଶାଳ ପ୍ରାଚୀନ ରାଷ୍ଟ୍ରକୁ ଧର୍ମ ଆଧାରରେ ଦୁଇଟି ରାଷ୍ଟ୍ରରେ ଖଣ୍ଡିତ କରାଯାଇଥିଲା । ପରିଣାମ ସ୍ୱରୂପ ପାକିସ୍ତାନ ସହିତ ଚାରିଥର ଓ ଚୀନ୍ ସହିତ ଥରେ ଯୁଦ୍ଧ ହୋଇଥିଲା । ଚୀନ୍ ଅନେକ ଥର ସୀମା ଉଲ୍ଲଙ୍ଘନ କରିଆସୁଛି । ସ୍ୱାଧୀନତା ପରେ ମଧ ଇଂରେଜମାନେ ଭାରତକୁ ଉପମହାଦ୍ୱୀପ ରୂପେ ସ୍ୱୀକାର କରିଥିଲେ । ଏହି ଶବ୍ଦ ପାକିସ୍ତାନ ଓ ଚୀନକୁ ଆଘାତ ଦେଲା । ବିଶେଷକରି ପାକିସ୍ତାନକୁ ଭାରତର ଏକ ମହାଦ୍ୱୀପ କହିବା ଶବ୍ଦ ଆଘାତ ଦେଲା । କେତେଜଣ ପାକିସ୍ତାନକୁ ଭାରତର ଇଣ୍ଡୋପାକ୍ ଉପମହାଦ୍ୱୀପ କହିବା ଆରମ୍ଭ କରିଦେଲେ । କେତେଜଣ ପାକିସ୍ତାନକୁ ସାଉଥ ଏସିଆ ଉପମହାଦ୍ୱୀପ ଲେଖିବା ଆରମ୍ଭ କରିଦେଲେ । ପାକିସ୍ତାନ ଇତିହାସକାରମାନେ ପ୍ରଫେସର ଅସମଲ ସୟଦ ଆଦି ଉପମହାଦ୍ୱୀପ ସହିତ ଭାରତ ଶବ୍ଦକୁ ଯୋଡ଼ି ହୋଇଥିବା ଯୋଗୁଁ ଘୋର ଆପତ୍ତି କଲେ । ପାକିସ୍ତାନ ପରି ଚୀନ୍ ମଧ ନିଜ ବିସ୍ତାରବାଦୀ ନୀତି ଯୋଗୁଁ ଏହି ଶବ୍ଦ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିଲା । ଏହି ଚର୍ଚ୍ଚା କାଲିଫର୍ଣ୍ଣିଆରେ ହେଉଛି ଯେ ଭାରତକୁ କ'ଣ ସାଉଥ ଏସିଆ କିମ୍ବା ଭାରତ କୁହାଯିବ।

ଉପରୋକ୍ତ ସଂକ୍ଷିପ୍ତ ବିଷୟ ବ୍ରିଟିଶ ଇତିହାସକାରମାନଙ୍କ ଘୃଣ୍ୟ ମାନସିକତା ତଥା କଂଗ୍ରେସର ନୀତିଭ୍ରଷ୍ଟ ରାଜନୀତିକୁ ଦର୍ଶାଉଛି। ଏହା ସ୍ପଷ୍ଟ ଯେ ଭାରତ କୌଣସି ନୂତନ ରାଷ୍ଟ୍ର ନୁହେଁ, କିମ୍ବା ଏହା ଏକ ରାଷ୍ଟ୍ରଗୁଡ଼ିକର ସମାହାର ନୁହେଁ। ଅତୀତରେ ଭାରତବର୍ଷରେ ରାଜନୈତିକ ପରିବର୍ତ୍ତନ ଦେଖାଦେଇଛି, କିନ୍ତୁ ଭାରତ ଏକ ସନାତନ ରାଷ୍ଟ୍ର ଓ ସାଂସ୍କୃତିକ ରାଷ୍ଟ୍ର ଥିଲା, ଅଛି ଓ ରହିବ ।

*ଆଡ଼ଭୋକେଟ, ଖଟବିନସାହି, କଟକ*
*ମୋ-୯୪୩୭୦୧୬୩୮୪*

# ଏକାଦଶୀ ଉପବାସ ମାହାତ୍ମ୍ୟ : ୧୩

## ଅପରା ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ଧର୍ମରାଜ ଯୁଧିଷ୍ଠିର ଭଗବାନ ଶ୍ରୀକୃଷ୍ଣଙ୍କୁ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ ବିଷୟରେ ପଚାରିଲେ। ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ଅପରା ଏକାଦଶୀର ମାହାତ୍ମ ବିଷୟରେ କହିଲେ। ଅପରା ଏକାଦଶୀ ଜ୍ୟେଷ୍ଠ ମାସ କୃଷ୍ଣ ପକ୍ଷ ତିଥିରେ ପାଳିତ ହୁଏ। ପ୍ରଭୁ ଶ୍ରୀକୃଷ୍ଣ ଧର୍ମରାଜ୍ୟ ଯୁଧିଷ୍ଠିରଙ୍କୁ କହିଲେ କି ସଂସାର ରୂପୀ ଅପାର ସମୁଦ୍ରକୁ ପାର କରିବାକୁ ଅପରା ଏକାଦଶୀ ବ୍ରତ ପାଳନ ହିଁ ଏକମାତ୍ର ଉପାୟ। ଏହି ବ୍ରତ ପାଳନ ଦ୍ୱାରା ମହାପାପ ନାଶ ହୁଏ। ମିଛ ସାକ୍ଷୀ ଦେବା, ମାପ ଓ ଓଜନରେ ଠକେଇ କରିବା, ରୋଗୀକୁ ଭୁଲ୍ ଔଷଧ ଦେବା, ଭ୍ରୁଣ ହତ୍ୟା କରିବା ଇତ୍ୟାଦି ପାପ ଦ୍ୱାରା ମନୁଷ୍ୟ ନର୍କଗାମୀ ହୁଏ। ଯୁଦ୍ଧ କ୍ଷେତ୍ରରୁ ଯେଉଁ ସୈନିକ ପଳାୟନ କରେ ସେ ମହାପାପର ଅଧିକାରୀ। କିନ୍ତୁ ଅପରା ଏକାଦଶୀ ବ୍ରତ ଦ୍ୱାରା ସେହି ପାପ ସବୁର ନାଶ ହୁଏ। ବଦ୍ରିକା ଆଶ୍ରମ ଅର୍ଥାତ୍ ବଦ୍ରିନାଥ ଧାମରେ ବାସ କଲେ ଯେଉଁ ଫଳ ମିଳେ, ସେହି ସମାନ ଫଳ ଅପରା ଏକାଦଶୀ ପାଳନ ଦ୍ୱାରା ଲାଭ ହୁଏ। ଏହି ଏକାଦଶୀ ଶ୍ରବଣ କରିବା ମନୁଷ୍ୟ ସିଂହ ସମାନ ହୋଇଯାଏ। ଯାହାକୁ ଦେଖି ପାପ ରୂପୀ ମୃଗ ବହୁଦୂର ପଳାୟନ କରେ। ଅପରା ଏକାଦଶୀ ବ୍ରତରେ କାକୁଡି ଭୋଗ ପ୍ରସାଦ ସେବନ କରାଯାଏ।

*ବକ୍ସକବାଟି ରୋଡ, କଟକ-୧*
*ମୋବାଇଲ: ୯୩୩୮୫୭୦୯୯୩*

## ପାଠକଙ୍କ ମତ : ଚିଠି, ଇ-ମେଲ, ଫେସ୍‌ବୁକ୍, ଏକ୍ସ ଓ ହ୍ୱାଟ୍ସଆପ୍

let me tell you the truth. I am not defending the insurance companies or the hospitals in context of our state.In a state like Odisha, most of the people are covered through a government scheme called BSKY.“The central issue is that the package assigned to a particular procedure (especially surgical let for instance, Cardiac Bypass Operation) is way less than the cost of the actual treatment what the hospital spends on it.“Profit margin is meagre.

If due to any reason the patients treatment overshoots the prescribed limit or in case of any untoward complications, the additional cost of the treatment is entirely taken up by the hospitals which is exorbitant.

Supreme quality treatment with cheap expenses cannot happen alongside.

***Doctor from Utkal Hospital***

In this weekly volume exposed the hidden truth of the Health Insurance Companies. Also other contents are valuable to be known.

**Dr Sudhir Senapati**

Very relevant issues are covered.True as well

**Dibya Mahakul**

ସ୍ୱାସ୍ଥ୍ୟ ବୀମା ଉପରେ ଏକ ବଳିଷ୍ଠ ଓ ଯୁକ୍ତିଯୁକ୍ତ ଉପସ୍ଥାପନ ହୋଇଛି ସେଥିପାଇଁ ଧନ୍ୟବାଦ। କିନ୍ତୁ ମୋର ଗୋଟିଏ କଥା ହେଉଛି ଯେ, ଯେଉଁଠି ସରକାର ବିଭିନ୍ନ ଯୋଜନାରେ ଲୋକଙ୍କୁ ସ୍ୱାସ୍ଥ୍ୟ ବୀମା ଦେଉଛନ୍ତି ସେଠାରେ ସ୍ୱାସ୍ଥ୍ୟ ବୀମା ଯୋଜନାରେ ହିତାଧିକାରୀ ହେବାକୁ ଅଯୋଗ୍ୟ ହେଉଛନ୍ତି ସେମାନେ ବୀମା କିଣିଲେ ୧୮ % GST ଦେବା ନିଶ୍ଚିତ ଭାବରେ ଏକ ଅନୁଚିତ ବ୍ୟବସ୍ଥା। ଯାହାକି ପ୍ରିମିୟମର ପ୍ରାୟ ୧/୫ ଅଧିକ ବହନ କରିବା ବହୁତ ଲୋକଙ୍କ ପାଇଁ କଷ୍ଟକର। କାରଣ ସ୍ୱାସ୍ଥ୍ୟ ଏକ ଅତ୍ୟାବଶ୍ୟକ ଆବଶ୍ୟକତା। GST Council ଏନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛି।

**ସୋମେନ୍ଦୁ ଶତପଥୀ**
**ଢେଙ୍କାନାଳ**

ଶାଳିଆ ଡ୍ୟାମ ବିଷୟରେ ଯାହା ଅସୁବିଧା ସବୁ ଲେଖାଯାଇଛି, ସେସବୁ ସତ। ଏଥିପ୍ରତି କାହାରି ନଜର ନାହିଁ। ଯାହା ଭବିଷ୍ୟତରେ ଅସୁବିଧା ନିଶ୍ଚୟ ହେବ। ଜନଜାଗରଣ ମଧ୍ୟ ନାହିଁ। ଡ୍ୟାମ୍ ଠାରୁ ଆମ ଗାଁ ପ୍ରାୟ ୨୦-୨୨ କିମି ହେବ। ସେହି ଡ୍ୟାମ୍ ଯୋଗୁଁ ଆମ ଅଞ୍ଚଳ ମଧ୍ୟ ଉପକୃତ ହୋଇଥାଏ। ଆମେ ବହୁ ସମୟରେ ସେଠାକୁ ବୁଲିବାକୁ ଓ ଭୋଜି କରିବାକୁ ଯାଉ। ଡ୍ୟାମର ଅସୁବିଧା ସବୁକୁ ସମସ୍ତଙ୍କ ନଜରକୁ ଆଣିଥିବାରୁ ଧନ୍ୟବାଦ।

**ସଞ୍ଜୟ କୁମାର ପାଢ଼ୀ**
**ବାଲୁଗାଁ**

# ବାଚସ୍ପତିଙ୍କ ଚେତାବନୀ : ଚିହିଁକି ଉଠିଲା ବିଜେଡି

ଭୁବନେଶ୍ୱର(ଭିଓଭି): ଚଳିତ ବିଧାନସଭା ଅଧିବେଶନରେ ବିରୋଧୀଙ୍କ ବିଶୃଙ୍ଖଳାକୁ ଆଉ ବରଦାସ୍ତ କରାଯିବନି । ବାଚସ୍ପତି ସୁରମା ପାଢ଼ୀଙ୍କ ଏଭଳି ଚେତାବନୀ ପରେ ଚିହିଁକି ଉଠିଛି ବିଜେଡି । ଆଉ ବିରୋଧୀ ଦଳ ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି । ନାଲି ଆଖି ଦେଖାଇଲେ ଚଳିବ ନାହିଁ ବୋଲି ପ୍ରମିଳା ବି ପାଲଟା ଜବାବ ଦେଇଛନ୍ତି । ଅବଶ୍ୟ କଂଗ୍ରେସ ସମସ୍ତଙ୍କୁ ନେଇ ଚାଲିଲେ ଗୃହରେ ବିଶୃଙ୍ଖଳା ହେବନି ବୋଲି ମତ ରଖିଛି । ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାମାସ ୧୩ତାରିଖରୁ ଆରମ୍ଭ ହେଉଥିବାବେଳେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ, ଚଳିତ ବିଧାନସଭାରେ ବିରୋଧୀ ସଦସ୍ୟଙ୍କ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ । ବିରୋଧୀ ଗଠନମୂଳକ ପରାମର୍ଶ ଦେଲେ ତାହା ଉପାଦେୟ ହେବ । କିନ୍ତୁ ବିଶୃଙ୍ଖଳା ଆଚରଣ କଲେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଶ୍ରୀମତୀ ପାଢ଼ୀ



କହିଛନ୍ତି ।ଯାହା ଉପରେ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରି ପାଲଟା ଜବାବ ଦେଇଛନ୍ତି ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ସେ କହିଛନ୍ତି ଯେ, ନାଲି ଆଖି ଦେଖାଇଲେ ଚଳିବ ନାହିଁ । ନିଜ ଆସନର ମର୍ଯ୍ୟାଦା ବାଚସ୍ପତି ରକ୍ଷା କରନ୍ତୁ । ବାଚସ୍ପତି କୌଣସି ଦଳର ନୁହଁନ୍ତି । ବାଚସ୍ପତି କାହିଁକି ବିଜେପି ଅଫିସକୁ ଯାଇଥିଲେ ।ଗଣତନ୍ତ୍ରରେ ବିରୋଧୀଙ୍କ ସ୍ୱର ଚପାଇଲେ ଚଳିବ ନାହିଁ । ବାଚସ୍ପତିଙ୍କ ଧମକରେ ବିରୋଧୀଙ୍କ ସ୍ୱର ବନ୍ଦ ହେବ ନାହିଁ । ନାଲିଆଖି ଦେଖାଇବା ବନ୍ଦ କରନ୍ତୁ । ସରକାରଙ୍କ ଦୋଷତ୍ରୁଟିକୁ ଉପସ୍ଥାପନ କରାଯିବ । ସେ ବାଚସ୍ପତି ଥିବାବେଳେ ବିଜେପି କିଭଳି ଗୃହରେ ବ୍ୟବହାର କରିଥିଲା ତାହା ଓଡ଼ିଶା ଦେଖିଥିଲା । କିନ୍ତୁ ଆମେ ସେପର୍ଯ୍ୟନ୍ତ ଯାଇନୁ । ଆଉ ସେମାନେ ବାଧ କଲେ ଆମେ ସେପର୍ଯ୍ୟନ୍ତ ଯିବୁ ବୋଲି ଶ୍ରୀମତୀ ମଲ୍ଲିକ ସ୍ପଷ୍ଟ କରିଛନ୍ତି ।ସେହିପରି ବିଜେଡିର ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି ଯେ, ବାଚସ୍ପତିଙ୍କ ଉକ୍ତି ହାସ୍ୟାସ୍ପଦ । ବିଧାନସଭା ହେଉଛି ବିରୋଧୀ ଦଳଙ୍କର । ବିରୋଧୀ ଦଳ କୌଣସି ପ୍ରସଙ୍ଗ ଉଠାଇଲେ ସୁରୁଖୁରୁରେ ଗୃହ ଚଳାଇବା ଦାୟିତ୍ୱ ବାଚସ୍ପତିଙ୍କର । ହଟ୍ଟଗୋଳ ଓ ଅଚଳାବସ୍ଥା ପାଇଁ ବାଚସ୍ପତି ଦାୟୀ ରହିବେ। ବିରୋଧୀ ଦଳକୁ ଉଚିତ୍ ସମୟ ନଦେଲେ ହଟ୍ଟଗୋଳ ହେବ । ବାଚସ୍ପତି ଗୃହର ମାଲିକ ସେ ଯେମିତି ଗୃହକୁ ଚଳାଇବେ ସେମିତି ଚାଲିବ ବୋଲି ଶ୍ରୀ ଦେବ କହିଛନ୍ତି ।

## ନବ ଦାସ ହତ୍ୟାକାଣ୍ଡ ମାମଲା

# ସରକାର ସଠିକ୍ ସମୟରେ ନେବେ ନିଷ୍ପତି - ଆଇନ ମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ନବ ଦାସ ହତ୍ୟାକାଣ୍ଡ ମାମଲାରେ ସରକାର ଶୀଘ୍ର ନିଷ୍ପତ୍ତି ନେବେ। ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି। ଏଭଳି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଆହୁରି କହିଛନ୍ତି, ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁନଥିଲେ, ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହାସ କରୁନଥିଲେ, ସେ ଭୟ ଦୂରେଇ ଯାଇଛି। ତେଣୁ ଅନେକ ତଥ୍ୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି ଆଉ ସେହି ସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ। ସିବିଆଇ ତଦନ୍ତ କରିବାକୁ ଝିଅ ଦୀପାଳି ଦାବି କରିବା ପରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଏ ଘଟଣା ନବୀନ ସରକାରଙ୍କ ସମୟରେ ଘଟିବା ସହ ସେତେବେଳେ ତଦନ୍ତ ନେଇ ମୁହଁ ଖୋଲିନଥିବା ଦୀପାଳି ଏବେ ସିବିଆଇ ତଦନ୍ତ ଦାବି କରିଛନ୍ତି। କିନ୍ତୁ ସରକାରଙ୍କୁ ଏନେଇ ଲିଖିତ ଅନୁରୋଧ କରିନାହାନ୍ତି। ସିବିଆଇ ତଦନ୍ତ କରିବାକୁ ଝିଅ ଦୀପାଳି ଦାବି କରିବା



ପରେ ଏହାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଏ ଘଟଣା ନବୀନ ସରକାରଙ୍କ ସମୟରେ ଘଟିବା ସହ ସେତେବେଳେ ତଦନ୍ତ ନେଇ ମୁହଁ ଖୋଲିନଥିବା ଦୀପାଳି ଏବେ ସିବିଆଇ ତଦନ୍ତ ଦାବି କରିଛନ୍ତି। କିନ୍ତୁ ସରକାରଙ୍କୁ ଏନେଇ ଲିଖିତ ଅନୁରୋଧ କରିନାହାନ୍ତି। ଏହାକୁ ନେଇ ମୁହଁ ଖୋଲିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। କହିଛନ୍ତି ଏହି ମାମଲାରେ ତଦନ୍ତ ପ୍ରକ୍ରିୟା କଣ ହେବ, ସେ ନେଇ ସରକାର ଆଗକୁ ନିଷ୍ପତ୍ତି ନେବେ, ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି।

# ଏପ୍ରିଲ୍ ମାସରୁ ନୂତନ ଜାତୀୟ ଶିକ୍ଷାନୀତି - ଧର୍ମେନ୍ଦ୍ର

ଭୁବନେଶ୍ୱର (ଭିଓଭି): ଏନ୍‌ଇପି କାର୍ଯ୍ୟକାରିତା ନେଇ ତିନି ଦିନିଆ ଜାତୀୟ କର୍ମଶାଳାରେ ପୂର୍ବ ସରକାରକୁ ଟାର୍ଗେଟ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ପୁରୁଣା ସରକାର କେବଳ ଲୋକ ଦେଖାଣିଆ ଭାବେ ଏନଇପିକୁ ଗ୍ରହଣ କରିଥିଲା । କିନ୍ତୁ ମୋହନ ସରକାର ଏହାକୁ କରିକି ଦେଖାଇଛନ୍ତି । ଓଡ଼ିଶାରେ ଲାଗୁ ହେବ ଜାତୀୟ ଶିକ୍ଷା ନୀତି। ଅତୀତ ସରକାର ନାଚ ଗୀତରେ ପଇସା ଖର୍ଚ୍ଚ କରୁଥିଲେ ବୋଲି କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଏପ୍ରିଲରୁ ପିଲାଙ୍କୁ ଜାତୀୟ ଶିକ୍ଷା ନୀତିର ଖଡ଼ି ଛୁଆଁଯିବ। ପିଲାଙ୍କୁ ଖେଳନା ଆଦି



ଦିଆଯିବ। ମେ ଓ ଜୁନ ମାସରେ ଓଡ଼ିଶାର ୫୦ ହଜାର ଗାଁକୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ମିଶିକି ଯାଇ ଡ୍ରପ ଆଉଟ ପିଲାଙ୍କୁ ଖୋଜି ପାଠ ପଢ଼ାଇବା ପାଇଁ ଆହ୍ୱାନ କରିବେ । ଏନଇପିରେ ମାତୃଭାଷା ସହ ବହୁଭାଷାରେ ଶିକ୍ଷାଦାନ କରାଯିବ। ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯିବ। ପିଲାମାନେ ଯେମିତି ଆତ୍ମନିର୍ଭରଶୀଳ ହେବେ ସେନେଇ ଶିକ୍ଷା ଦିଆଯିବ। ଶିକ୍ଷାରେ ଏଆଇର ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଜାତୀୟ ଶିକ୍ଷାନୀତିରେ ଶିକ୍ଷକ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ଏନଇପିକୁ ସହଜରେ କାର୍ଯ୍ୟକାରୀ କରାଯାଇପାରିବ।

# ଅଯୋଗ୍ୟ ହିତାଧିକାରୀ ତୁରନ୍ତ ରାସନ୍ କାର୍ଡ ଫେରାଇ ଦିଅନ୍ତୁ - ମନ୍ତ୍ରୀ

ଭୁବନେଶ୍ୱର,(ଭିଓଭି): ଜାନୁଆରୀ ୩୧ ରେ ଇ କେୱାଇସି ଶେଷ ହେବ। ତା ପୂର୍ବରୁ ଅଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ସରେଣ୍ଡର କରିବାକୁ ପୁଣି ଥରେ ନିବେଦନ କଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ବୋଧେ ଭୟରେ ଇ କେୱାଇସି ପାଇଁ ଆସୁ ନାହାନ୍ତି, ଖୁବ ଶୀଘ୍ର ସରେଣ୍ଡର କଲେ ଭଲ। ପ୍ରତି ବ୍ଲକରେ ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି। ଯେଉଁମାନେ ସରକାରୀ ଚାକିରି କରି ହାତେଇଛନ୍ତି ରାସନ କାର୍ଡ, ସେମାନେ ଶୀଘ୍ର ସରେଣ୍ଡର କଲେ ଭଲ। ସୁଚନା ଅନୁଯାୟୀ ଗରିବଙ୍କ ରାସନକାର୍ଡକୁ କବଜା କରି ବସିଥିବା ବଡ଼ ବଡ଼ିଆ ସରକାରୀ ଅଧିକାରୀଙ୍କୁ ପୁଣି ଥରେ ଚେତାବନୀ ଦେଇଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଅଯୋଗ୍ୟ ହିତାଧିକାରୀଙ୍କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି ମନ୍ତ୍ରୀ । ଯଦି ସରକାରଙ୍କୁ କାର୍ଡ ନ ଫେରାନ୍ତି, ତାହା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରୋକ୍ ଠୋକ୍ ଶୁଣାଇଥିଲେ। ମନ୍ତ୍ରୀ କହିଥିଲେ ଯେ ସାରା ରାଜ୍ୟରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅଯୋଗ୍ୟ ରାସନ କାର୍ଡ ହିତାଧିକାରୀ ଅଛନ୍ତି। ଇ-କେୱାଇସି ଜରିଆରେ ଏହା ସ୍ପଷ୍ଟ ହୋଇଛି। ଉକ୍ତ ଅଯୋଗ୍ୟ ହିତାଧିକାରୀମାନେ ଇ-କେୱାଇସି କରିବା ଆସୁ ନାହାଁନ୍ତି। ସେଥିରେ ଶିକ୍ଷକ, ଡାକ୍ତର, ଅଧ୍ୟାପକ ମଧ୍ୟ ରହିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ, ପୂର୍ବରୁ ମନ୍ତ୍ରୀ କହିଥିଲେ ଯେ ରାଜ୍ୟର ପ୍ରାୟ ୪ଲକ୍ଷ ଆୟକରଦାତା ରାସନ କାର୍ଡ ନେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଓଏଏସ ଅଫିସ, ଡାକ୍ତର ଓ ଅଧାପକ ମଧ ରାସନ କାର୍ଡ ହାତେଇଛନ୍ତି । ଇ-କେୱାଇସି ଯାଞ୍ଚରୁ ସାମ୍ନାକୁ ଆସିଛି ଏଭଳି ଚାଞ୍ଚଲ୍ୟକର ତଥ୍ୟ । ଯଥାଶୀଘ୍ର କାର୍ଡ ଫେରସ୍ତ ନକଲେ ଫାଇନ୍ ଲଗାଇବାକୁ ତାଗିଦ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର



ପାତ୍ର । ଯେଉଁଦିନଠାରୁ ରାସନକାର୍ଡ ନେଇଥିବେ ସେହିଦିନଠାରୁ ଫାଇନ୍ କରି ଆଦାୟ କରାଯିବ ଏବଂ ହିସାବ କରି ସବୁ କାର୍ଡକୁ ରିକଭର କରାଯିବ ବୋଲି ମନ୍ତ୍ରୀ କହିଥିଲେ । ପୂର୍ବ ସୁଚନା ଅନୁଯାୟୀ ରାସନ କାର୍ଡର ଇ-କେୱାଇସି ଯାଞ୍ଚ ଚାଲିଥିବାବେଳେ, କାହାର କଟିବ, କାହାର ରହିବ ସେ ନେଇ ଦ୍ୱନ୍ଦ୍ୱରେ ରହିଥିଲେ ହିତାଧିକାରୀ । ଆଉ ଏତିକିବେଳେ ବଡ ସୂଚନା ଦେଇଥିଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯେଉଁମାନେ ରାସନ କାର୍ଡ ପାଇବା ପାଇଁ ଯୋଗ୍ୟ ନୁହଁନ୍ତି, ସେମାନଙ୍କୁ ରାସନ କାର୍ଡ ମିଳିଛି । ବର୍ଷ ବର୍ଷ ଧରି ସେମାନେ କାର୍ଡରେ ମାଗଣା ରାସନ ସାମଗ୍ରୀ ଉଠାଇ ଚାଲିଛନ୍ତି । ବଡ କଥା ହେଉଛି, ସେମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ବାଙ୍ଗଲାଦେଶୀ ଓ ରୋହିଙ୍ଗ୍ୟା ଥିବା ଜଣାପଡ଼ିଥିଲା । ଆଉ ତାପରେ ଆକ୍ସନ ମୋଡରେ ଯୋଗାଣ ବିଭାଗ ରହିଥିଲା ।

# ଦୁଇ ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ : ଜିଲ୍ଲାପାଳ ଓ ବିଡ଼ିଓ ନୀରବଦ୍ରଷ୍ଟା

ରାୟଗଡ଼ା (ଭିଓଭି): ଜିଲ୍ଲା କାଶିପୁର ବ୍ଲକ ଗୋରଖପୁର ପଞ୍ଚାୟତ ଠାରୁ ମାତ୍ର ୪ କି.ମି ରାସ୍ତା ଲାମ୍ବେରି ଏବଂ ଗୁମ୍ରାପୁଟ ଗ୍ରାମ। ଦେଶ ସ୍ୱାଧୀନତା ପୂର୍ବରୁ ଅବସ୍ଥିତ ଦୁଇଟି ଗ୍ରାମର ଚିତ୍ର ବଦଳୁ ନାହିଁ। ସ୍ୱାଧୀନତାର ୭୭ ବର୍ଷ ପରେ ବି ମୌଳିକ ଅଧିକାର ସ୍ୱାଦ ବାରି ପାରି ନାହାନ୍ତି। ଭାରତ ଦେଶକୁ ସମଗ୍ର ବିଶ୍ୱଗୁରୁ ଭାବେ ପରିଚିତ ଥିବା ବେଳେ ଗାଁରେ ସାମାନ୍ୟ ପିଇବା ପାଣି, ଅଙ୍ଗନୱାଡ଼ି, ଗମନା ଗମନ ବିଦ୍ୟୁତ୍ ଭଳି ସମସ୍ୟା ସରକାରୀ କଳର ଦାଇତ୍ୱ ହୀନତା ନା ବିଚରା ନିରୀହ ଗ୍ରାମବାସୀଙ୍କ ଭାଗ୍ୟର ବିଡମ୍ବନା ତାହା ପ୍ରଶ୍ନ ବାଚୀ।ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ହୋଇଛନ୍ତି କିନ୍ତୁ ଯାଉ ନାହାନ୍ତି, ରାସ୍ତା କଥା ନ କହିଲେ ଭଲ, ଦୀର୍ଘ ବର୍ଷ ଧରି ଲୋକ ବଣ ମଣିଷ ଭଳି ଜୀବନ ବଞ୍ଚି ଆସୁଥିଲେ। ଲୋକେ ଭାବିଥିଲେ ସରକାର ବଦଳିଲେ ଲୋକଙ୍କ ଭାଗ୍ୟ ବଦଳିଯିବ ହେଲେ ଲୋକଙ୍କ ସମସ୍ୟା ଅକଥନୀୟ। ଗ୍ରାମବାସୀ ମାନେ ଏଥି ପୂର୍ବରୁ ବାରମ୍ବାର ବ୍ଲକ ପ୍ରଶାସନ ମାଧମରେ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଥିଲେ ମଧ ଶାସନ କଳ ତରଫରୁ କୌଣସି ଆଶ୍ୱସନା ବଦଳରେ ନିରବତା ଲୋକଙ୍କୁ ବ୍ୟଥିତ କରିଛି।ପ୍ରତି ପାଞ୍ଚ ବର୍ଷରେ ଥରେ ରାଜନୈତିକ ଦଳୀୟ କର୍ମୀ ହେଉକି ଶାସନ କଳ ଭୋଟ ଦେଇ ସରକାର ଗଠନ ପାଇଁ ଆସି ଆମକୁ ଭଣ୍ଡାଇ ଚାଲିଛନ୍ତି। ପ୍ରଶାସନ ଅଧିକାରୀ ଦୁଇଟି ଗାଁରେ ପାଦ ଦେବା ସାତ ସପନ । ଦୁର୍ଭାଗ୍ୟବଶତଃ ଗତ ବର୍ଷ ଗୋଟିଏ ମାତ୍ର ନଳକୂପ ଜଳ ପାନ କରି ଲୋକେ ଡାଇରିଆ ଭଳି ମାରାତ୍ମକ ରୋଗରେ ସଂକ୍ରମିତ ହୋଇ ଗାଁର ଚାରି ଜଣ ପ୍ରାଣ



ହରାଇଥିଲେ ।ସେହି ସମୟରେ ଅର୍ଥାତ୍ ବର୍ଷେ ପୂର୍ବରୁ ଜନ ପ୍ରତିନିଧି ,ଶାସନ କଳ ଗାଁ କୁ ଯାଇ ମାଳ ମାଳ ପ୍ରତିଶ୍ରୁତି ସାଙ୍ଗକୁ ଫୁଲାଏ ଫଟୋ ନେଇ ଗାଁ ଲୋକଙ୍କ ସମସ୍ୟା ସମ୍ବନ୍ଧେ ଖବର ପ୍ରକାଶିତ ହୋଇଥିଲା। ଗାଁ ଲୋକ କହିବା କଥା ଚାରିଜଣ ପ୍ରାଣ ହରାଇବାରୁ କାଳେ ଗାଁର ଛବି ବଦଳିଜିବ କିନ୍ତୁ ତା ପରିବର୍ତ୍ତେ ଗାଁ ଲୋକଙ୍କ ଦାରିଦ୍ର୍ୟତାର ଧଜିଆ ଉଡାଇବା ସହ ରାଜନୀତିକ ଫାଇଦା ନେବାକୁ ପଛେଇ ନଥିଲେ ।ଚାରିଜଣଙ୍କ ପ୍ରାଣ ଗଲା ପରେ ଅନ୍ତତଃ ଗାଁର ଦୁଃଖ ଦୂର ହେବା ଆସା ରଖିଥିବା ଗ୍ରାମବାସୀ ନିରାଶ ହୋଇ ଗତ ୫ ଡିସେମ୍ବର ମାସରେ ପୁଣି ବ୍ଲକ ପ୍ରଶାସନ ନିକଟରେ ନିଜ ସମସ୍ୟା ସମ୍ବନ୍ଧେ ଗୁହାରି କରିଥିଲେ ତଥାପି ପଥର ହୋଇଯାଇଛି ବ୍ଲକ ପ୍ରଶାସନର ହୃଦୟ। କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଫଳରେ ଗତ କାଲି ଗ୍ରାମବାସୀ ବାଧ ହୋଇ ଆସନ୍ତା ୨୩ ତାରିଖରେ ଗାଁ ଠାରୁ ପଦଯାତ୍ରା କରି ବ୍ଲକ ସମ୍ମୁଖରେ ଦୁଇଟି ଗାଁ ସତ୍ୟାଗ୍ରହ ଆନ୍ଦୋଳନ କରିବା ପାଇଁ ଚରମ ନିଷ୍ପତି ନେଇଛନ୍ତି। ସୂଚନା ଥାଉ କି ଗ୍ରାମ ବାସୀଙ୍କ କୋହୀବା ଅନୁସାରେ ଜାନୁୟାରୀ ୨୫ ତାରିଖ ସୁଦ୍ଧା ପ୍ରଶାସନ କୌଣସି ସମାଧାନ ନକଲେ ୨୬ ତାରିଖରେ ସାଧାରଣ ତନ୍ତ୍ର ଦିବସରେ ଦେଶର ସମ୍ବିଧାନକୁ ସମ୍ମାନ ଜଣାଇ ସାମୁହିକ ପତାକା ଉତୋଳନ କରିବା ନିଷ୍ପତି ନେବା ସହ ପୁଣି ଆନ୍ଦୋଳନ ସ୍ଥଳରେ ଗାଁ ସଭା କରି କଠୋର ନିଷ୍ପତି ନେବା ପାଇଁ ଏମିତି କି ମରିବା ପଛେ ସାମ୍ବିଧାନିକ ଅଧିକାର ହାସଲ ବିନା ଗାଁ କୁ ଫେରିବୁ ନାହିଁ ଓ ସମ୍ପୂର୍ଣ୍ଣ ଆନ୍ଦୋଳନ ଅହିଂସା ଏବଂ ସାମ୍ବିଧାନିକ ପ୍ରକ୍ରିୟା ରେ ପରିଚାଳନା କରିବା ପାଇଁ ଗାଁ ସଭାରେ ନିଷ୍ପତି ନେଇ ପ୍ରଶାସନ ଏବଂ କାଶିପୁର ପୋଲିସ କୁ ସୂଚନା ଦେଇଥିବା ସୂଚନା ରହିଛି।

# ତାଡ଼ିନେଲେ ଗୋଚର ଜମି : ତଦନ୍ତ କରୁଛନ୍ତି ତହସିଲଦାର

କାକଟପୁର (ଭିଓଭି): ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ଗ୍ରାମପଞ୍ଚାୟତର ପାଇଖଳା ଗ୍ରାମର ଭାଙ୍ଗିଯାଇଥିବା ଏକ କଂକ୍ରିଟ ରାସ୍ତାର ମରାମତି ପାଇଁ କିଛି ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ ନିକଟସ୍ଥ ଏକ ଗୋଚର ଜମି ପ୍ଲଟ ନମ୍ବର -୧୦୬୦,ଖାତା ନମ୍ବର -୨୪୨ରୁ ବେଆଇନ ଭାବେ ମାଟି ଖନନ କରି ଭଙ୍ଗା କଂକ୍ରିଟ ରାସ୍ତାରେ ମାଟି ପକାଇ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଉକ୍ତ ଗ୍ରାମବାସୀ କ୍ଷ ପ୍ରକାଶ ଥାଉକି ଏକଦା ଦ୍ୱିାଞ୍ଚଳ ଭାବେ ପୁରୀଜିଲ୍ଲାର ଏକ ବିଛିନାଞ୍ଚଳର ପରିଚୟ ନେଇ ବଞ୍ଚୁଥିବା ତାଳଦା ଗ୍ରାମପଞ୍ଚାୟତର ହଜାର ହଜାର ଅଧିବାସୀ ୨ ଟି ବ୍ରିଜର ସଂଯୋଗ ପରେ ଆଶ୍ୱସ୍ତି ଲାଭ କରିଥିଲେ ମଧ ଏହି ପଞ୍ଚାୟତ ଅନ୍ତର୍ଗତ ଅଧିକାଂଶ ଗାଁ ରେ ଥିବା କଂକ୍ରିଟ ରାସ୍ତା ବର୍ଷ ବର୍ଷ ଧରି ମରାମତି ହେଉନଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ଏଠାରେ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ ପରିବର୍ତ୍ତେ ରାସ୍ତାର ମରାମତି ପାଇଁ ସ୍ଥାନୀୟ କିଛି ଲୋକଙ୍କ ଜବକାର୍ଡ ଜରିଆରେ ଗୋଚର ଜମିରୁ ସମ୍ପୂର୍ଣ୍ଣ ଭାବେ ବେଆଇନ ମାଟି ଉଠାଣ ହେଉଥିବା ଜଣାପଡିଛି କ୍ଷ ଗୋଚର ଜମିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ରାଜସ୍ୱ ନିୟମ ଥିବାବେଳେ ସମସ୍ତ ନିୟମକୁ ଫୁ କରି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ମୁଷ୍ଟିମେୟ ଲୋକେ



ଏଭଳି ବେଆଇନ କାର୍ଯ୍ୟ କରିବାକୁ ପଛାଉ ନଥିବା ଗ୍ରାମର କିଛି ଚାଷୀ ଅଭିଯୋଗ କରିଛନ୍ତି କ୍ଷ ଅନ୍ୟପକ୍ଷରେ ଏହି ପଞ୍ଚାୟତର ପ୍ରାୟ ସମସ୍ତ ଗାଁ ବନ୍ୟାପ୍ଲାବିତ ଅଞ୍ଚଳ ହୋଇଥିବା ଯୋଗୁଁ ଗୋରୁଗାଇଙ୍କ ଚାରଣ ସହ ତଳିଆ ଲୋକଙ୍କ ଆଶ୍ରୟ ପାଇଁ ଏହି ଗୋଚର ଜମିର ସରଂକ୍ଷଣ ଆବଶ୍ୟକତା ଥିବାବେଳେ ଏଥିପ୍ରତି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ହୁଅନ୍ତୁ ବା ରାଜସ୍ୱ ବିଭାଗ କର୍ମଚାରୀ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି କ୍ଷ ଏଭଳି ବେଆଇନ ମାଟି ପକାଇ ତାଳି ପକା କାର୍ଯ୍ୟ କରିବା ପରିବର୍ତ୍ତେ ଉକ୍ତ ରାସ୍ତାର ସ୍ଥାୟୀ ନିର୍ମାଣ କରିବାକୁ ଦାବୀ ହୋଇଛି କ୍ଷ ଏ ସଂକ୍ରାନ୍ତରେ ସ୍ଥାନୀୟ ତହସିଲଦାରଙ୍କୁ ପଚାରିବାରେ ଗୋଚର ଜମିରୁ ମାଟି ଉଠାଇବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।

# ବିନା ସୂଚନା ଫଳକରେ ବାରଖାଇ ପ୍ରାଥମିକ ବିଦ୍ୟାଳୟ କାମ : ଆଇନର ଖୋଲା ଉଲଂଘନ

କଳିଙ୍ଗନଗର,(ଭିଓଭି): ସରକାରଙ୍କ ପକ୍ଷରୁ ଯେକୌଣସି କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବା ନିମନ୍ତେ ନିର୍ଦ୍ଦେଶ ରହିଛି। ଦାନଗଦି ବ୍ଲକରେ ରଣାଗୁଣ୍ଡି ଗ୍ରାମ ପଞ୍ଚାୟତରେ ଜିଲ୍ଲା ଖଣିଜ ପାଣ୍ଠିରୁ ବାରଖାଇ ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ ଗୃହ ନିର୍ମାଣ ହେଉଛି ।ଏହି ଗୃହ ଟି ୩୦ଲକ୍ଷ ବ୍ୟୟ ଅଟକଳ ରହିଛି ।ଗୃହ ଆରମ୍ଭରୁ ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି ।ଏଠାରେ ବ୍ୟବହୃତ ହେଉଛି ହାଫ ଇଁଚି ଚିପ୍ସ, ମୋରମ ଓ ଷ୍ଟିଲ ଆଦି କମ ସଂଖ୍ୟା ଲାଗିଛି। ମାତ୍ର ଠିକାଦାର ବାଲି ଟଙ୍କା ବଞ୍ଚାଇବା ପାଇଁ ଘର



ଭିତରେ ୧୦ ଟ୍ରିପ୍ ରୁ ଅଧିକ ମୋରମ ଢାଳି ତାହା ଉପରେ ଢଳେଇ କରିବା ପାଇଁ ମସୁଧା ଚଳାଇଛନ୍ତି କ୍ଷଠିକାଦାର ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଇ ନାହାନ୍ତି କ୍ଷକାର୍ଯ୍ୟାଦେଶ ହାତେଇଥିବା ଠିକାଦାର ନିମ୍ନମାନର କାର୍ଯ୍ୟ ଓ ସୂଚନା ଫଳକ ନଥିବା ଅଭିଯୋଗ ହେଉଛି ଏବଂ ଠିକାଦାର ମନ ଇଚ୍ଛା କାର୍ଯ୍ୟ କରୁଛନ୍ତି। କାର୍ଯ୍ୟ ଦାୟିତ୍ୱ ଥିବା ଯନ୍ତ୍ରୀଙ୍କର ଦେଖାନାହିଁ ।ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି ଯେଉଁ ସବୁ ଷ୍ଟିଲ ଓ ମୋରମ ବ୍ୟବହୃତ ହେଇଛି ତାହା ତଦନ୍ତ କରାଯିବ ।ପ୍ରଶାସନ ତରଫରୁ କେବେ କାର୍ଯ୍ୟନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ରହିଲା ।ଏପଟେ ବିଡିଓ ପ୍ରଦୀପ ସେଠୀ ପଚାରିବାରୁ କହିଛନ୍ତି ଜିଲ୍ଲାପାଳ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ଓଡ଼ଗାଁ ତହସିଲ ଓ ଏନଏସି ଅଂଚଳରେ ବହୁ ମୂଲ୍ୟବାନ ଜମି ଜବରଦଖଲ ଉଦ୍ୟମ

ଓଡ଼ଗାଁ (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ ଜିଲାରେ ଓଡ଼ଗାଁରେ ଶ୍ରୀରଘୁନାଥଜୀଉଙ୍କ ପୀଠର କ୍ରମ ବର୍ଦ୍ଧିଷ୍ଣୁ ସହରୀକରଣ ସହିତ ବିଜ୍ଞାପିତ ଅଂଚଳ ଘୋଷଣା ହେବା ପରେ ସ୍ଥାନୀୟ ଅଂଚଳରେ ବେସରକାରୀ ଘରବାଡି ସହିତ ଜାଗା ଦର ଆକାଶ ଛୁଆଁ ହୋଇଛି । ଫଳରେ ସହରୀକରଣ ନିୟମାନୁସାରେ ସ୍ଥାନୀୟ ଜାରିଙ୍ଗି ମୌଜାକୁ ବସ୍ତି ଅଂଚଳ ଘୋଷଣା କରିବା ସହିତ ସ୍ଥାନୀୟ ସହର ବାସିନ୍ଦା ବ୍ୟତିରେକ ଅନ୍ୟ ଗ୍ରାମ ବା ସହରର ଶତାଧିକ ଲୋକଙ୍କୁ ଅନୈତିକ ଭାବେ ଘରବାରୀ ସହିତ ସହରୀ ଆବାସ ଯୋଜନାରେ ସାମିଲ କରାଯାଇଛି । ହେଲେ ଏଥି ମଧ୍ୟରୁ ଅନେକ ଘରବାରୀ ଓ ଆବାସ ପାଇବାପରେ ଘର ସବୁ ଭଡା ସୁତ୍ରରେ ଲଗାଇ ନିଜ ନିଜ ଗାଁରେ ଯାଇ ରହୁଥିବା ଏକ ଆକଳନରୁ ଜଣାଯାଇଛି । ଏପିସ୍ଥଳେ ସହର ଓ ସହର ଉପକଣ୍ଠରେ ରାଜସ୍ୱ, ବନ ବିଭାଗ ଓ ବିଜ୍ଞାପିତ ଅଂଚଳର ଦୈତ ପ୍ରଶାସନିକ ପରିଚାଳନାର ଦ୍ୱାହି ଓ ଗଳା ବାଟ





ଦେଇ କୋଟି କୋଟି ଟଙ୍କା ମୂଲ୍ୟର ବହୁ ମୂଲ୍ୟବାନ ଜାଗାକୁ ଜୋର ଜବରଦସ୍ତ କରାଯାଇଛି । ଏବଂ ସେଥି ମଧ୍ୟରେ ଦୋକାନ ଘର ସବୁ ନିର୍ମାଣ କରି ରୋଜଗାର କରିବାର ମାଧ୍ୟମ ସାଜିଛି । ଏସବୁ ମଧ୍ୟରେ ସ୍ଥାନୀୟ କଲେଜ ସାମ୍ନା ଓ  ଜଳ ସଚେନ ବିଭାଗୀୟ କାର୍ଯ୍ୟାଳୟ ସନ୍ନିକଟ ଅନେକ ଜାଗାରେ ଜବରଦଖଲରେ ଦୋକାନ ଘର ସବୁ ଗଢି ଉଠିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ କଲେଜ ସନ୍ନିକଟ ତଥା ତଥାକଥିତ ସରକାରୀ ଆମ୍ବ ବଗିଚା ସାମ୍ନାରେ ପ୍ରାୟ ଏକ କୋଟି ଟଙ୍କା ମୂଲ୍ୟର ସରକାରୀ ଜାଗାକୁ  ଜେସିବି ଲଗାଇ ସଫା କରି ସେଥିରେ ୬ ଟି ପିଲାର ପୋତି ଦୋକାନ ଘର ନିର୍ମାଣ କରିବାକୁ ଉଦ୍ୟମ କରାଯାଇଥିବା ରାଜସ୍ୱ ଓ ବନ ବିଭାଗ ନିକଟରେ ଅଭିଯୋଗ ହୋଇଛି । ଜଣେ ସ୍ଥାନୀୟ ତଥା କଥିତ ପ୍ରଭାବଶାଳୀ କୁଜି ନେତା ଏହାକୁ ଜଣେ କବାଡିଆକୁ ଭଡା ସୁତ୍ରରେ ଦେଇଥିବା ବେଳେ ଦୁଇ ଦିନ ଛୁଟି ମଧ୍ୟରେ ଏହାକୁ ଦୋକାନ ଘର ନିର୍ମାଣ କରୁଥିବା ନେଇ ଚର୍ଚ୍ଚା ହେଉଛି । ଏହା ସହିତ ସହର ଉପକଣ୍ଠ ତଥା ନନ୍ଦିଘୋର ପଂଚାୟତ ଅନ୍ତର୍ଗତ ଘଷାଦେଇପୁର ମୌଜାରେ ପ୍ରାୟ ୨ ଏକର ସରକାରୀ ଜମି ଅଥବା ଜଙ୍ଗଲ କିଷମ ଜାଗାରୁ ଜଣେ ପ୍ରଭାବଶାଳୀ ମିଲ ମାଲିକ ଦିନ ରାତି ଜେସିବି ଓ ଟ୍ରାକ୍ଟର ଲଗାଇ ନିଜ ଗୋଦାମ ଘରକୁ ରାସ୍ତା ନିର୍ମାଣ କରିବାକୁ ଲାଗି ପଡିଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ପୁର୍ଣ୍ଣଚନ୍ଦ୍ର ନାୟକ ଛୁଟି ଦିନ ହୋଇଥିବାରୁ ଜିଲାପାଳ, ତହସିଲଦାର, ବନାଂଚଳ ଅଧିକାରୀ ଓ ସ୍ଥାନୀୟ ଖବରଦାତାଙ୍କୁ ହ୍ୱାଟସ୍ଅପ ମାଧ୍ୟମରେ ସଚିତ୍ର ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଡ.ମାନଓ ରଂଜନ ଭୋଇ ଓ ବନାଂଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ମତାମତ ନିଆଯାଇଥିବା ବେଳେ ଉଭୟ ଅଧିକାରୀ ସେମାନଙ୍କ କ୍ଷେତ୍ର କର୍ମଚାରୀଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି । ଏପରିକି ପ୍ରାରମ୍ଭିତ ଦଦନ୍ତ ଅନୁସାରେ ପିଲାର ଉଠା ଯାଇଥିବା ଜାଗା ସରକାରୀ ହୋଇଥିବା ବେଳେ ମାମଲା ହାଇ କୋଟ ରେ ବିଚାରଧିନ ଥିବା ତହସିଲଦାର ଡ.ଭୋଇ କହିଛନ୍ତି । ସର୍ବୋପରି ଜିଲାପାଳ ତଥା ରାଜସ୍ୱ ମନ୍ତ୍ରୀ ଏନେଇ ଯୁଦ୍ଧ କାଳୀନ ଭିତିରେ ପଦକ୍ଷେପ ନେବା ସହିତ ସ୍ଥାନୀୟ ଅଂଚଳରେ ଜବରଦଖଲକାରୀଙ୍କ କବଜାରେ ଥିବା ବହୁ ଦୋକାନ ଘର ଉଚ୍ଛେଦ କରିବା ସହିତ ଜବର ଦଖଲକାରୀଙ୍କ କବଜାକୁ ଜାଉଥିବା ଓ ବେଆଇନ ଭାବେ ସରକାରୀ ଜମିରୁ ମାଟି ଖୋଳିନେଇଥିବବା ମିଲର ବିରୋଦ୍ଧରେ ଦୃଢ କାର୍ଯ୍ୟାନସ୍ଥାନ ଦାବି କରିଛନ୍ତି ।

# କୋଚିଲାଖାଇ

## ଜୀବଜଗତ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ସମଗ୍ର ଆଫ୍ରିକୀୟ ମହାଦେଶ, ସାଉଥଇଷ୍ଟ ଏସିଆ, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ, ପପୁଆ ନିଉଗିନି ଅଞ୍ଚଳ ଓ ସୋଲମନ ଦ୍ୱୀପାଞ୍ଚଳର ଘଞ୍ଚ ଜଙ୍ଗଲରେ କୋଚିଲାଖାଇ ଚଢେଇ ଦେଖିବାକୁ ମିଳନ୍ତି। ସମୁଦାୟ ୫୫ ପ୍ରଜାତି ଭିତରୁ କେବଳ ଆଫ୍ରିକାରେ ୨୪ ପ୍ରଜାତି, ଇଣ୍ଡୋନେସିଆରେ ୧୩ ପ୍ରଜାତି ଓ ଭାରତରେ ୧୦ ପ୍ରଜାତିର କୋଚିଲାଖାଇ ଚଢେଇ ଦେଖାଯାନ୍ତି । ପ୍ରଜାତିଭେଦରେ ଏମାନଙ୍କ ଶାରୀରିକ ଗଠନ ଭିନ୍ନଭିନ୍ନ ହୋଇଥିଲେ ଓ ଏମାନଙ୍କ ଶାରୀରିକ ଗଠନରେ କେତେକ ସ୍ୱତନ୍ତ୍ରତା ଦେଖିବାକୁ ମିଳେ।

ଦେଖିବାକୁ ଖୁବ ସୁନ୍ଦର ଅଥଚ ଆକର୍ଷଣୀୟ ପକ୍ଷୀଟିର ବୈଜ୍ଞାନିକ ନାମ Bucerotidae । ଦେଖିବାକୁ ଅପେକ୍ଷାକୃତ ବଡ଼, ଲାଲ ଆଖି ବିଶିଷ୍ଟ ପୁରୁଷ ପକ୍ଷୀଟି ଏକପତ୍ନୀକ ଅଟେ, ଯିଏକି ସାଥିର ସର୍ବାଧିକ ଜନ୍ନ ନେଇଥାଏ । ଏମାନେ ସବୁବେଳେ ଯୋଡ଼ାରେ ରହିବାକୁ ପସନ୍ଦ କରନ୍ତି ଓ ଏକାଠି ବିଚରଣ କରନ୍ତି । ଏମାନଙ୍କ ସାଧାରଣତଃ ଆୟୁ ୧୫ ବର୍ଷ । ଏକ ନିର୍ଦ୍ଧାରିତ ବନ୍ୟ ସୀମାରେଖା ଭିତରେ ଆବଦ୍ଧ ରହନ୍ତି ଓ ଆଦୌ ପ୍ରବାସ ଯାତ୍ରା କରନ୍ତି ନାହିଁ ।

ଏହାର ଥଣ୍ଟଟି ବଡ, ଶକ୍ତ ଓ ଆଗକୁ ବଙ୍କା ହୋଇଥାଏ । ଥଣ୍ଟର ଅଗ୍ରଭାଗରେ ସେମାନେ ପାଚିଲା କୋଳି, ସୁସ୍ୱାଦୁ ଫଳ, ପୋକଯୋକ ଆଦି ସଙ୍ଗ୍ରହ କରି ଖାଆନ୍ତି । ବେଳେବେଳେ ଛୋଟଛୋଟ ଜୀବଜନ୍ତୁ ମାନଙ୍କୁ ବି ଶିକାର କରନ୍ତି । କୋଚିଲା ଫଳ ଏମାନଙ୍କ ପ୍ରିୟ ଖାଦ୍ୟ ହୋଇଥିବାରୁ ଏମାନଙ୍କୁ 'କୋଚିଲାଖାଇ' କୁହାଯାଏ । ଏହି ଅଦ୍ଭୁତ ପକ୍ଷୀର ବିଶେଷତ୍ୱ ହେଉଛି, ଏହାର ଶୀରସ୍ତ୍ରାଣ ଯାହାକି ଅନ୍ୟ କୌଣସି ପକ୍ଷୀର ନଥାଏ । ଏହା ଠିକ୍ ଗୋଟିଏ ହେଲମେଟ ପରି , ଯାହାକି ପକ୍ଷୀର ମସ୍ତିଷ୍କକୁ ସୁରକ୍ଷା ଦିଏ ।

ଖୁବ୍ ଟାଣ ମାଂସପେଷୀ ଯୋଗୁ ଏହାର ବେକ ଖୁବ୍ ସଶକ୍ତ । ବିରାଟ ଆକାରର ପକ୍ଷୀଟିର ସର୍ବାଧିକ ଓଜନ ୬ କିଲୋଗ୍ରାମ ଓ ଲମ୍ବା ପ୍ରାୟ ୨ ଫୁଟ । ଓଜନିଆ ଶରୀର ଓ ଗହଳ ପର ଯୋଗୁଁ ଏମାନେ ଏକାଦିକ୍ରମେ ଦୂରଯାତ୍ରା କରି ପାରନ୍ତି ନାହିଁ ତଥାପି ଘଣ୍ଟା ପିଛା ୩୦ କିଲୋମିଟର ବେଗରେ ଉଡ଼ିପାରନ୍ତି । କୋଚିଲାଖାଇକୁ ହିନ୍ଦୀରେ ଧନେଶ ପକ୍ଷୀ ଓ ଇଂରାଜୀରେ hornbill କୁହାଯାଏ । ଏହାର ଗାଈ ଶିଙ୍ଘ ପରି ଉପାଦାନରେ ବିଶାଳକୃତି ଥଣ୍ଟ ଥିବାରୁ ଏମାନଙ୍କ ଏପରି ନାମକରଣ (horns+bills) କରାଯାଇଛି । ମଣିଷ ପରି ଏମାନଙ୍କ ଦୁଇଟି କିଡନୀ ଥାଏ।

ଏମାନେ ସୁସ୍ୱାଦୁ କୋଳି ଓ ଫଳଭରା ଗଛରେ ବସା ତିଆରି କରନ୍ତି । ଅଣ୍ଡା ଦେବା ପୂର୍ବରୁ ପକ୍ଷୀ ଯୁଗଳ ଖୁବ ସତର୍କତା ସହିତ ବୃକ୍ଷ ଚୟନ କରନ୍ତି । ଗଛର ଉଚ୍ଚତା, ଫଳର ସ୍ୱାଦ ତଥା ନିକଟରେ ଥିବା ଜଳାଶୟ କୁ ପ୍ରାଥମିକତା ଦିଆଯାଏ । ଗଛଟିର ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ବସା ତିଆରି ହୁଏ । ଗଛରେ ପ୍ରାକୃତିକ ଭାବେ ହୋଇଥିବା ଗର୍ତ୍ତ ଅଥବା କାଠହଣା ଚଢେଇ ଦ୍ୱାରା ତିଆରି ହୋଇଥିବା, ପରିତ୍ୟକ୍ତ ବସାକୁ ପ୍ରଥମ ଖୋଜନ୍ତି । କିଛି ନମିଳିଲେ, ପକ୍ଷୀ ଯୋଡ଼ା ମିଳିମିଶି ଗଛର ଏକ ସୁରକ୍ଷିତ ସ୍ଥାନରେ ଖୋଟିଏ ଗର୍ତ୍ତ ଖୁବ୍ କମ୍ ସମୟ ମଧ୍ୟରେ କରି ଦିଅନ୍ତି ।

ବସା ଭିତରକୁ ମାତା ପକ୍ଷୀ ଅଣ୍ଡା ଦେବା ପାଇଁ, ପ୍ରବେଶ କଲାପରେ, ସାଥୀ ଚଢେଇଟି ବାହାରପଟୁ ବସାଟିକୁ ବନ୍ଦ (seal) କରିଦିଏ । ଏଥିପାଇଁ କାଦୁଅ, ଫଳର ଚୋପା ଓ ପତ୍ରକୁ ବ୍ୟବହାର କରାଯାଏ । ସେମାନେ ଏହାକୁ ଏତେ ନିଖୁଣ ଭାବରେ କରନ୍ତି ଯେ, ଏହା ଗଛର ପୂର୍ବ ଆକୃତି ସହ ମିଶିଯାଏ ଓ ଏତେବଡ଼ ଚଢେଇଟି ଗଛର ଗଣ୍ଡି ଭିତରେ ଲୁକ୍କାୟିତ ହୋଇ ରହିଛି, ଏହା ବାହାରକୁ ଆଦୌ ଜଣା ପଡ଼େନାହିଁ ।

ଭିତରପଟୁ କୋଚିଲାଖାଇ ଏକ ରନ୍ଧ୍ର କରେ, ଯେଉଁ ବାଟ ଦେଇ ,ତାର ପୁରୁଷ ସାଥୀ ତାକୁ ନିୟମିତ ଖାଦ୍ୟ ଯୋଗାଏ । କେହି କାହାକୁ ଦେଖି ପାରନ୍ତି ନାହିଁ । ତେବେ ସାଙ୍କେତିକ ଶବ୍ଦ ମାଧ୍ୟମରେ ଏମାନେ ପରସ୍ପର ଭାବର ଆଦାନ ପ୍ରଦାନ କରନ୍ତି । ଖାଦ୍ୟ ସଙ୍ଗ୍ରହ କରି ପୁରୁଷ ଚଢେଇ ତାର ବେକପାଖ ମୁଣାରେ ଧରି ବସା ପାଖକୁ ଆସେ ଓ ଖାଦ୍ୟ ଦେବା ପାଇଁ ସାଥି ଚଢେଇକୁ ଡାକେ । ପୁରଷ ସାଥିର ଡାକ ଶୁଣିଲା ମାତ୍ରେ ସାଥି ଚଢେଇଟି ଥଣ୍ଟଟିକୁ ରନ୍ଧ୍ରରେ ଦେଖାଏ । ପୁରୁଷ



କୋଚିଲାଖାଇ ବେକକୁ ପଛକୁ ବଙ୍କାଇ କେବଳ ଗୋଟିଏ ମାତ୍ର କୋଳି ମୁଣାରୁ ବାହାର କରି ଥଣ୍ଟରେ ଦେଖାଏ ଯାହାକୁ ତତକ୍ଷଣାତ୍ ମାତା କୋଚିଲାଖାଇ ଭିତରପଟୁ ନେଇଯାଏ । ଏହି ପ୍ରକ୍ରିୟା ଅନେକ ସମୟ ଧରି ଚାଲେ ।

ଏମାନଙ୍କ ଥଣ୍ଟର ଅଗ୍ରଭାଗ ମୁନିଆ ହୋଇଥିବାରୁ ଏକାଥରକେ ଅଧିକ ଖାଦ୍ୟ ଥଣ୍ଟରେ ଧରି ହୋଇନଥାଏ । ତେଣୁ ପୁରୁଷ ପକ୍ଷୀ ଏକାଥରକେ ଆଣିଥିବା ପ୍ରାୟ ୪୦ ଟି କୋଳି ସହିତ କିଛି ଆମିଷ ଖାଦ୍ୟ ସାଥୀକୁ ଖୁଆଇବା ପାଇଁ ବେଶ କିଛି ସମୟ ଲାଗିଯାଏ। ଜଙ୍ଗଲରେ ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧ ଥିବାରୁ ଖାଦ୍ୟାଭାବ ସମସ୍ୟା ପ୍ରାୟ ନଥାଏ ତେବେ ସାଥିକୁ ମାସ ମାସ ଧରି ଖାଦ୍ୟ ଯୋଗାଇବାକୁ ପୁରୁଷ ସାଥିକୁ ଦୁଇଗୁଣା ପରିଶ୍ରମ କରିବାକୁ ପଡେ । ଶାବକ ଜନ୍ମ ହେଲେ ପୁରଷ କୋଚିଲାଖାଇ ଚଢେଇକୁ ଖାଦ୍ୟ ସଂଗ୍ରହ କରିବାକୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡିଥାଏ ।

ପ୍ରାୟ ପାଞ୍ଚ ଦିନ ଧରି ନିବୁଜ ଗଛ କୋରଡରେ ରହିଲା ପରେ , ମାତା କୋଚିଲାପକ୍ଷୀ ପ୍ରଥମ ଅଣ୍ଡା ଦିଏ । ଗୋଟିଏ ଦିନ ବ୍ୟବଧାନରେ ଦେଉଥିବା ୬ ଟି ଅଣ୍ଡା ଫୁଟିବାକୁ ୨୫ ଦିନ ସମୟ ଲାଗିଯାଏ । ଛୁଆ ସାମାନ୍ୟ ବଡ ହେଲେ, ମା କୋଚିଲାଖାଇ ଅବରୁଦ୍ଧ ଦ୍ୱାରକୁ ଭାଙ୍ଗିଦିଏ ଓ ପୁରୁଷ ସାଥିକୁ ଶାବକମାନଙ୍କୁ ଦେଖିବାକୁ ପ୍ରଥମେ ସୁଯୋଗ ଦିଏ ।

ଶାବକମାନଙ୍କ ପାଇଁ ଅଧିକ ସ୍ଥାନର ଆବଶ୍ୟକତାକୁ ଲକ୍ଷ୍ୟ କରି ବସାକୁ ସମ୍ପ୍ରସାରଣ କରାଯାଏ । ଏହାପରେ ପୁନର୍ବାର ବସାକୁ ଆଗ ପରି ସିଲ୍ କରି ଦିଆଯାଏ । ପ୍ରାୟ ୪ ସପ୍ତାହବେଳକୁ ଛୁଆମାନେ ବଡ଼ ହୋଇ ଅଧିକ ଖାଦ୍ୟ ଦରକାର କରନ୍ତି । ମା କୋଚିଲାଖାଇ ସିଲ ଭାଙ୍ଗି ପଦାକୁ ବାହାରି ଆସେ ଓ ଦୁଇଜଣ ମିଳିମିଶି ଶାବକ ମାନଙ୍କୁ ଖାଦ୍ୟ ଯୋଗାନ୍ତି । ଛୁଆ ୧୦ ସପ୍ତାହର ହୋଇଗଲେ , ସେମାନଙ୍କର ପ୍ରଥମ ଉଡାଣ ଭରନ୍ତି ।

ଥରେ ବସାରୁ ଉଡିଗଲା ପରେ, ପୁନର୍ବାର ସେମାନେଙ୍କୁ ପିତାମାତା, ବସା ଭିତରକୁ ଯିବାକୁ ଅନୁମତି ଦିଅନ୍ତି ନାହିଁ । ଅବଶ୍ୟ ଶାବକମାନଙ୍କୁ ସ୍ୱାବଲମ୍ବୀ କରିବାକୁ, ପିତାମାତା ଏପରି କରିଥାନ୍ତି । ଶକ୍ତିଶାଳୀ ଥଣ୍ଟ ଓ ହେଲମେଟ ଯୋଗୁଁ ଏମାନେ ସୁରକ୍ଷିତ । କେବଳ କ୍ରାଉନ ଇଗଲ ଓ ମଣିଷ ଏହି ସୁନ୍ଦର ଚଢେଇଟିର ଦୁଇ ପ୍ରମୁଖ ଶତ୍ରୁ ।

ଏମାନଙ୍କର ମାଙ୍କଡଙ୍କ ସହିତ ବନ୍ଧୁତା ଥାଏ। ଗଛରୁ ସାପ, ପୋକଯୋକ ଖାଇ ଗଛକୁ ସଫାସୁତୁରା ରଖିବା ଦ୍ୱାରା ମାଙ୍କଡ଼ମାନେ ଉପକୃତ ହୁଅନ୍ତି । ସେମାନେ ମଣିଷ କିମ୍ବା ଇଗଲକୁ ଦେଖିଲା ମାତ୍ରେ ପକ୍ଷୀଯୋଡାକୁ ଆଗୁଆ ସତର୍କ ସୂଚନା ଦିଅନ୍ତି । ମାଙ୍କଡ଼ଠାରୁ ସୂଚନାପାଇ ପକ୍ଷୀଯୋଡା ଗଛ କୋରଡ ଭିତରେ ଆତ୍ମଗୋପନ କରନ୍ତି ଅଥବା ସ୍ଥାନ ପରିତ୍ୟାଗ କରି ଦୂରଯାଗାକୁ ଚାଲି ଯାଆନ୍ତି । କୋଚିଲାଖାଇ ଚଢେଇର ରାବ ଜଙ୍ଗଲର ବହୁ ଦୂରକୁ ଶୁଭେ ।

କୋଚିଲାଖାଇ ଚଢେଇକୁ ଜଙ୍ଗଲର କୃଷକ କୁହାଯାଏ ପ୍ରକୃତିର ସଂରକ୍ଷକ ଭାବେ ଅଭିହିତ ,ଏହି ପକ୍ଷୀଟି ଜଙ୍ଗଲସାରା ବୁଲି ବୁଲି ବିଭିନ୍ନ ସ୍ୱାଦିଷ୍ଟ କୋଳି ଓ ଫଳକୁ ଖାଇ ତାର ମଞ୍ଜିକୁ ତଳେ ପକାଇଥାଏ । ଏହି ସୁନ୍ଦର ପକ୍ଷୀଟିର ପ୍ରମୁଖ ଶତ୍ରୁ ହେଉଛି ମଣିଷ । ଅନ୍ଧବିଶ୍ୱାସ ଯୋଗୁଁ ଏହାର ଥଣ୍ଟକୁ ଘରେ ସାଇତି ରଖିଲେ ଘର ଧନରତ୍ନରେ ପୂରିଉଠେ ବୋଲି କେତେକ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଶିକାର କରନ୍ତି । କୋଚିଲାଖାଇ ମାଂସ ଓ ତେଲରେ ଔଷଧୀୟ ଗୁଣଥିବା କଥାର କୌଣସି ବୈଜ୍ଞାନିକ ସତ୍ୟତା ପ୍ରମାଣିତ ହୋଇ ନାହିଁ । କେବଳ ମାଂସ ଓ ପର ଲୋଭରେ ଏହି ସୁନ୍ଦର ପକ୍ଷୀକୁ ବହୁଳ ଭାବେ ହତ୍ୟା କରାଯାଉ ଥିବାରୁ , ଏମାନଙ୍କ ସ୍ଥିତି ଏବେ ସଙ୍କଟରେ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

## ମିଳିଲା ୩୨୦୦ ବର୍ଷ ତଳ ସଭ୍ୟତାର ସନ୍ଧାନ



ତାମିଲନାଡୁରେ ଏକ ପ୍ରାଚୀନ ସ୍ଥାନରେ ଉତ୍ଖନନ ସମୟରେ ଏମିତି କିଛି ପ୍ରମାଣ ମିଳିଛି ଯାହା ସିନ୍ଧୁ ଘାଟୀ ସଭ୍ୟତା ସହ ସମ୍ପର୍କ ଥିବା ସଙ୍କେତ ଦେଉଛି । ପ୍ରତ୍ନତତ୍ତ୍ୱ ବିଭାଗର ଏକ ଅଧ୍ୟୟନରେ ଜଣାପଡିଛି କି ମିଳିଥିବା ପ୍ରାୟ ୯୦ ପ୍ରତିଶତ ଚିତ୍ର ଏବଂ ପ୍ରତୀକ ସିନ୍ଧୁ ଘାଟୀ ସଭ୍ୟତାର ମେଳ ଖାଉଛି । ତୁତୁକୁଡି ଜିଲାର ଶିବଗଲାଇ ନିକଟରେ ଉତ୍ଖନନ ସମୟରେ ପ୍ରତ୍ନତତ୍ତ୍ୱବିତଙ୍କୁ ୭୦୦ରୁ ଅଧିକ ଅଦ୍ୱିତୀୟ କଳାକୃତି ମିଳିଛି । କଳା ଓ ଲାଲ୍ ରଙ୍ଗର ବାସନକୁସନ, ମାଟି ତିଆରି ଅନେକ ଉପକରଣ, ଧୂମପାନ ପାଇଁ ମାଟିର ପାଇପ୍ ଏବଂ ଏକ ଶଙ୍ଖ ମିଳିଛି । ଅଧ୍ୟୟନ ଅନୁସାରେ ୧୪୦ ସ୍ଥାନରେ ମିଳିଥିବା ୧୫ ହଜାର ଭିନ୍ନ ଭିନ୍ନ ସାମଗ୍ରୀର ଅଂଶକୁ ଡିଜିଟାଲିକରଣ କରାଯାଇଛି । ତୁଳନାତ୍ମକ ଅଧ୍ୟୟନରେ ଏହି ସଙ୍କେତ ମିଳୁଛି କି ସିନ୍ଧୁ ଘାଟୀ ସଭ୍ୟତା ଓ ଦକ୍ଷିଣ ଭାରତର ଲୌହ ଯୁଗର ବସ୍ତି ମଧ୍ୟରେ ସାଂସ୍କୃତିକ ଏବଂ ଆର୍ଥିକ ଆଦାନ ପ୍ରଦାନ ହୋଇଥିବ । ଯଦିଓ ଏହି ସମ୍ବନ୍ଧରେ ସମ୍ପୂର୍ଣ୍ଣ ପ୍ରମାଣ ମିଳିପାରିନି ତେବେ ଏହି ଦିଗରେ ଅଧ୍ୟୟନ ଚାଲିଛି ।

## ଖାଲି ପେଟରେ ପିଅନ୍ତୁ ହଳଦୀ ପାଣି



ହଳଦୀ ପକାଇ ରୋଷେଇ କଲେ ଖାଦ୍ୟର ରଙ୍ଗ ସୁନ୍ଦର ହୋଇଯାଏ । ବର୍ଷ ବର୍ଷ ଧରି ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ହଳଦୀ ବ୍ୟବହାର କରୁଛନ୍ତି । ହଳଦୀରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲମେଟୋରୀ ଗୁଣ ରହିଛି । ହଳଦୀରେ ଥିବା ଏହି ଆଣ୍ଟି-ଇନ୍‌ଫ୍ଲମେଟୋରୀ ଗୁଣ ଶରୀରର ଅନେକ ରୋଗକୁ ଦୂର କରିଥାଏ । ଆଣ୍ଟି-ଇନ୍‌ଫ୍ଲମେଟୋରୀ ଗୁଣ ବ୍ୟତୀତ ହଳଦୀ ମଧ୍ୟ ଏକ ଆଣ୍ଟିଅକ୍ସିଡାଣ୍ଟ ଯାହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଏପରି ପରିସ୍ଥିତିରେ ସକାଳେ ଖାଲି ପେଟରେ ହଳଦୀ ପାଣି ପିଇବା ଦ୍ୱାରା ଆପଣ ଏକ ସୁସ୍ଥ ଶରୀର ପାଇପାରିବେ ଏବଂ ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ । ଆସନ୍ତୁ ଜାଣିବା ସକାଳେ ହଳଦୀ ପାଣି ପିଇଲେ ଆପଣଙ୍କୁ କଣ ଲାଭ ମିଳିବ । **ହଳଦୀ ପାଣି ପିଇବା ଦ୍ୱାରା କେଉଁ ଉପକାର ମିଳିଥାଏ :**

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଲୋକମାନେ ହଳଦୀ ବ୍ୟବହାର କରିଥାନ୍ତି । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ଥାଏ ଯାହା ଶରୀରକୁ ଫ୍ରି ରେଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଏଥି ସହ ହଳଦୀ ପାଣି ନିୟମିତ ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଯାହା ସଂକ୍ରମଣ ସହ ଲଢ଼ିବାରେ ଏବଂ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ହଳଦୀ ପାଣି ନିୟମିତ ପିଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ, ଗ୍ୟାସ କମିଯାଏ । ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲମେଟୋରୀ ଗୁଣ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଖାଲି ପେଟରେ ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ସୁଗାର ଲେଭଲ୍ କଣ୍ଟ୍ରୋଲ ହୋଇଥାଏ ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ । ହଳଦୀରେ କର୍କ୍ୟୁମିନ୍ ନାମକ ଏକ କମ୍ପାଉଣ୍ଡ ଥାଏ, ଯାହାର ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲମେଟୋରୀ ଗୁଣ ରହିଛି । ହଳଦୀ ପାଣି ନିୟମିତ ପିଇବା ଦ୍ୱାରା ଶରୀରରେ ହେଉଥିବା ଯନ୍ତ୍ରଣା କମିଯାଏ, ଯାହା ପୁରୁଣା ରୋଗକୁ ରୋକିବାରେ ସାହାଯ୍ୟ କରିଥାଏ । ହଳଦୀ ପାଣି ନିୟମିତ ପିଇବା ଦ୍ୱାରା ହୃଦରୋଗ ହେବାର ଆଶଙ୍କା କମିଯାଏ । ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ହଳଦୀ ପାଣି ପିଇବା ଏକ ଭଲ ଉପାୟ ।

# Engage Women in Planting: A Step Towards a Greener Tomorrow

Involving women in planting activities around your house is a meaningful and impactful way to promote sustainability and foster a green environment. Women, as nurturers and caregivers, often possess a deep connection with nature, making them key contributors to environmental protection.

Why Involve Women in Planting?

1. Empowering Change: Women play a crucial role in families and communities. By engaging them in planting, they can inspire others to take up similar initiatives.

2. Spreading Awareness: Women are effective communicators. They can educate neighbors and children about the importance of greenery and biodiversity.

3. Healthier Surroundings: Planting around the house reduces pollution, enhances air quality, and provides shade, contributing to better living conditions.

4. Strengthening Community Bonds: Gardening and planting activities encourage teamwork and build a sense of community.




**Simple Ways to Start**

1. Kitchen Gardens: Encourage women to grow vegetables and herbs, reducing dependency on market produce and promoting organic food.

**2. Flowering Plants:**
Beautify the surroundings with colorful flowers that also attract pollinators like bees and butterflies.

3. Tree Plantation Drives: Planting trees provides shade, enhances biodiversity, and combats climate change.

4. Native Plants: Focus on planting species native to the region for easier maintenance and ecological balance.

Engaging Women Creatively“-Workshops: Conduct small workshops on the benefits of planting and sustainable gardening techniques.

- Competitions: Organize friendly contests for the best-maintained garden or most creative planter ideas.

- Recognition: Celebrate women’s contributions by sharing their efforts on social platforms or community events.

**A Collective Green Future**

When women take the lead in greening their homes and neighborhoods, they become powerful agents of change. Their efforts not only ensure a sustainable environment but also set an example for the next generation. Together, let’s empower women to spread greenery and contribute to a healthier planet!



**Nihar Ranjan Acharya**

***Science Communicator and Environmentalist, Scientific Officer, Indian Climate Congress Founder and Working Director, TRUST - a Science and Environment Lover Organization***
***Ph. 8249775817***
*Email: niharacharya1973@gmail.com*

# ENLARGED PROSTATE AND ELCTROHOMEOPATHY TREATMENT

Dr. Prasant Sabat

The prostate is a gland that produces some of the fluid that carries sperm during ejaculation. The prostate gland surrounds the urethra, the tube through which urine passes out of the body.

An enlarged prostate means the gland has grown bigger. Prostate enlargement happens to almost all men as they get older.

An enlarged prostate is often called benign prostatic hyperplasia (BPH). It is not cancer, and it does not raise your risk for prostate cancer.

Causes

The actual cause of prostate enlargement is unknown. Factors linked to aging and changes in the cells of the testicles may have a role in the growth of the gland, as well as testosterone levels. Men who have had their testicles removed at a young age (for example, as a result of testicular cancer) do not develop BPH.

Also, if the testicles are removed after a man develops BPH, the prostate begins to shrink in size. However, this is not a standard treatment for an enlarged prostate.

**Symptoms**

Less than half of all men with BPH have symptoms of the disease. Symptoms may include:

Dribbling at the end of urinating
Inability to urinate (urinary retention)
Incomplete emptying of your bladder
Incontinence
Urinate 23 or more time in nighr
Pain in urinatiom
Slweddealayed stat of the urinary steream
Strong and sudden urge to urinate

**Electrohomeopathy treatment**

Electrohomeopathic medicines for enlarged prostate are most effective and safe. Electro homeopathy can offer an alternative treatment to surgery, prostate enlargement being one of them, without having any adverse effects. Electrohomeopathic medicines halt the further progression of the increase in size of prostate gland and side-by-side assist in symptom management. If one follows the prescribed Electrohomeopathic regimen, one will be able to see remarkable improvement in symptoms like frequent urination, urgency to urinate, interrupted urine stream, straining to urinate, and sensation of incomplete emptying of the bladder. The use of Electrohomeopathic medicines if started in early stages of BPH helps to restore normal urine flow, may reduce prostate size, and also help to prevent complications that tend to occur later on like less semen, problems with ejaculation, sexual weakness (erectile dysfunction), and decreased libido.

Prolonged use of allopath medicines can also create dependency as on discontinuing these medicines, the symptoms would return, maybe with greater intensity. On the other hand, electrohomeopathy uses gentle, harmless, non-toxic, and non-habit-forming medicines that treat BPH naturally without any unfavorable effects. One may discontinue Electrohomeopathic medicine on advised Electrohomeopathic protocol after the desired outcome is obtained.

***Electrohomeopathy practitioner***
***Mob : 9337117133***



# ନେତାଜୀଙ୍କ ବିଚାରଧାରାକୁ ନେଇ ଆମକୁ ଆଗକୁ ବଢ଼ିବାକୁ ହେବ : ମୁଖ୍ୟମନ୍ତ୍ରୀ






କଟକ, (ଭିଓଭି): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜ ମାତୃଭୂମି ପାଇଁ ଉଚ୍ଚ ପଦପଦବୀକୁ ତ୍ୟାଗ କରି ଜନ୍ମମାଟିର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଅଦମ୍ୟ ସାହସରେ ସାମରିକ ଉପାୟରେ ବ୍ରିଟିଶ ସାମ୍ରାଜ୍ୟକୁ ନଷ୍ଟ କରିବା ପାଇଁ ସେ ଜାପାନ ସମର୍ଥନରେ ସିଙ୍ଗାପୁରଠାରେ ନିର୍ବାସିତ ଭାରତୀୟ ଜାତୀୟତାବାଦୀଙ୍କ ଦ୍ୱାରା ଏକ ଅସ୍ଥାୟୀ ଭାରତୀୟ ସରକାର ଗଠନ କରିଥିଲେ। ଏହାର ନାମ ରଖିଥିଲେ 'ଆଜାଦ୍ ହିନ୍ଦ୍ ଫୌଜ' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନେତାଜୀ ଜୟନ୍ତୀ ଅବସରରେ କଟକରେ ଆୟୋଜିତ 'ପରାକ୍ରମ ଉତ୍ସବ'ରେ ଯୋଗଦେଇ ଗୁରୁବାର ଶ୍ରୀ ମାଝୀ କହିଛନ୍ତି ୧୯୪୩ ମସିହା ଡିସେମ୍ବରରେ ଜାପାନ ସହାୟତାରେ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଆଜାଦ୍ ହିନ୍ଦ ଫୌଜର ପ୍ରଥମ ସରକାର ପ୍ରତିଷ୍ଠା କରିଥିଲେ। ଏହାକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ ମସିହା ଡିସେମ୍ବର ୩୦ ତାରିଖ ଦିନ ସେଠାରେ ଥିବା ୩ ଗୋଟି ଦ୍ୱୀପ ଯେପରିକି ରସ୍ ଦ୍ୱୀପକୁ ନେତାଜୀ ସୁବାସ ବୋଷ ଦ୍ୱୀପ, ନିଲ୍ ଦ୍ୱୀପକୁ ସହିଦ ଦ୍ୱୀପ ଏବଂ ହାଭେଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମକରଣ କରିଛନ୍ତି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କଳ ମାଟିର ବରପୁତ୍ରଙ୍କ ଶୌର୍ଯ୍ୟ, ତ୍ୟାଗ ଏବଂ ସାମର୍ଥ୍ୟକୁ ସମ୍ମାନ ଜଣାଇ ତାଙ୍କର ଜନ୍ମ ସହର କଟକରେ ତାଙ୍କର ଜୟନ୍ତୀ ପାଳନ କରିବା ଆମ ପାଇଁ ଏକ ସୌଭାଗ୍ୟର ଅବସର। ଏଥିପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦିବସଟି ପ୍ରତ୍ୟେକ ଭାରତୀୟ ବିଶେଷ କରି ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ। ଏହି ଦିନରେ ହିଁ ବିପ୍ଳବୀ ଜନନାୟକ, ମହାନ ଦେଶଭକ୍ତ, ନିର୍ଭୀକ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକରେ ଜନ୍ମ ଗ୍ରହଣ କରିଥିଲେ। ଆଜି ତାଙ୍କ ଜନ୍ମ ସହର ଭାବେ କଟକ ସାରା ବିଶ୍ୱରେ ଗର୍ବିତ। ଏଭଳି ଜଣେ ଜନନାୟକଙ୍କ ଜନ୍ମଦିବସକୁ 'ପରାକ୍ରମ ଦିବସ' ଭାବେ ପାଳନ କରିବା ପାଇଁ ଜାନୁଆରି ୧୯, ୨୦୨୧ ମସିହାରେ ନିଷ୍ପତ୍ତି ନେଇଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ।

# ଟାଟା ଷ୍ଟିଲ ଦ୍ୱାରା ଜାତୀୟ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ଯୋଡା,(ଭିଓଭି): ଖଣି ପରିବେଷ୍ଟିତ ଅଞ୍ଚଳ ଗୁଡିକରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣା କୁ ରୋକିବା ତଥା ଏହି ସମ୍ବନ୍ଧୀୟ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ଟାଟା ଷ୍ଟିଲ ପକ୍ଷରୁ ଯୋଡା ବ୍ଲକ ଅନ୍ତର୍ଗତ ଗନ୍ଧଲପଦା ଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି । ଏହି କରିଥିଲେ। ଗାଡ଼ିଚାଳକ ମାନଙ୍କ ବ୍ୟତୀତ, ପାଦଚାଳକ ମାନେ କିପରି ଏଥିପ୍ରତି ସତର୍କତା ଅବଲମ୍ବନ କରିବେ ସେ ଉପରେ ମଧ୍ୟ ଟିପ୍ପଣୀ ପ୍ରଦାନ କରିଥିଲେ । ଗାଡ଼ି ଚଳାଇବା ସମୟରେ ହେଲମେଟ ବ୍ୟବହାର, ନିୟନ୍ତ୍ରିତ ବେଗ, ମୋବାଇଲ ଫୋନ ବ୍ୟବହାର ନ କରିବା, ଆବଶ୍ୟକତା ହିସାବରେ ହର୍ଣ୍ଣ ବଜାଇବା, ସାମନା ରେ ଥିବା ଗାଡି ଠାରୁ




କାର୍ଯ୍ୟକ୍ରମରେ ଯୋଡା ଏବଂ ରୁଗୁଡ଼ି ଅଞ୍ଚଳର ଡ୍ରାଇଭର ମହାସଂଘର କର୍ମକର୍ତ୍ତା, ଏଲ୍ ଏମ୍ ଭି ପ୍ରଶିକ୍ଷଣ ନେଉଥିବା ବାଳିକା ମାନଙ୍କ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଜଣ ଯୋଗ ଦେଇଥିଲେ। ଟାଟା ଷ୍ଟିଲ ର ସୁରକ୍ଷା ବିଭାଗ ର ପଦାଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ନିୟମାବଳୀ ସହ ଏଗୁଡିକର ଅଭ୍ୟାସ ଏବଂ ବିଶେଷକରି ଶୀତ ଏବଂ ବର୍ଷା ଋତୁ ରେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ ସୁରକ୍ଷିତ ଦୂରତା ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ ନିୟମ ଉପରେ ସେ ସମସ୍ତଙ୍କୁ ବୁଝାଇ ଥିଲେ । ସଡ଼କ ସୁରକ୍ଷା ନିୟମ ମାନିବା ଦ୍ୱାରା ସମସ୍ତେ କିପରି ଦୁର୍ଘଟଣା କୁ ଏଡେଇ ଦେଇ ପାରିବେ, ଏହା ସମସ୍ତେ ହୃଦୟଙ୍ଗମ କରିଥିଲେ।ଟାଟା ଷ୍ଟିଲ୍ ର କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ର ପଦାଧିକାରୀ ମାନଙ୍କ ସହ ଗୁଆଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଡବର ମୁଣ୍ଡା, ସମାଜ ସେବୀ ଜୁରିଆ ମୁଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# କିଟ୍‌ରେ ବ୍ଲୁ-ଇକୋନୋମି ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,(ଭିଓଭି): 'ଏମ୍‌ପାୱାରିଂ ସଷ୍ଟେନେବଲ୍ ଗ୍ରୋଥ ଥ୍ରୁ ମେରାଇନ୍ ଇକୋସିଷ୍ଟମ୍' ବିଷୟବସ୍ତୁକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ 'ବ୍ଲୁ ଇକୋନୋମି' ଉଦ୍‌ଘାଟିତ ହୋଇଯାଇଛି। ଭାରତର ସରକାରଙ୍କ ପ୍ରମୁଖ ବିଜ୍ଞାନ ପରାମର୍ଶଦାତା କାର୍ଯ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଆଇଆଇଟି ରୋପର, ବାୟୋଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କାଉନ୍‌ସିଲ୍, ବିଜ୍ଞାନ ଭାରତୀ, କିଟ୍ ବିଶ୍ୱବିଦ୍ୟାଳୟ, କିଟ୍ ସ୍କୁଲ୍ ଅଫ୍ ବାୟୋଟେକ୍ନୋଲୋଜି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି)ର ମିଳିତ ଆନୁକୂଲ୍ୟରେ ୨୩ ଓ ୨୪ ତାରିଖ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ଉପରେ ଆଲୋକପାତ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଭାରତର ସାମୁଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣରେ ରାଜ୍ୟର ରଣନୀତି ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଓଡ଼ିଶାର ବିସ୍ତୃତ ଉପକୂଳ ଥିବାରୁ ଭାରତର ସାମୁଦ୍ରିକ ଅର୍ଥନୀତିକୁ ଆଗକୁ ବଢ଼ାଇବାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ଏହା ସହିତ ରାଜ୍ୟରେ ସାମୁଦ୍ରିକ ପର୍ଯ୍ୟଟନ ବିକାଶ ଦିଗରେ ଯଥେଷ୍ଟ ସମ୍ଭାବନା ରହିଥିବା ଶ୍ରୀମତୀ ପରିଡ଼ା କହିଥିଲେ। ଭାରତ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ସଚିବ ଡ ରାଜେଶ ଗୋଖଲେ ବିକଶିତ ଭାରତ ପାଇଁ ବାୟୋ-ଇନୋଭେସନ୍ ଉପରେ ଗୁରୁତ୍ୱାରୋପ କରି କହିଲେ, ସାମୁଦ୍ରିକ ସଂପଦର ଉପଯୋଗ ଯୋଗୁଁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ସହାୟକ ହୋଇପାରିବ। ସେ କହିଲେ, ମତ୍ସ୍ୟଜୀବୀ, ପର୍ଯ୍ୟଟନ ଏବଂ ଜୈବ ପ୍ରଯୁକ୍ତିବିଦ୍ୟାକୁ ନେଇ ସାମୁଦ୍ରିକ ପରିସଂସ୍ଥା ଏକ ଅର୍ଥନୈତିକ ଇଞ୍ଜିନ ଭାବେ କାର୍ଯ୍ୟ କରୁଛି। ଭାରତ ସରକାରଙ୍କ ସାଇନ୍‌ଟିଫିକ୍ ସଚିବ ଡ. ପରମିନ୍ଦର ମୈନି ଏବଂ ବ୍ରିକ-ଆଇଏଲଏସର ନିର୍ଦ୍ଦେଶକ ଡ ଦେବାଶିଷ ଦାଶ ଏବଂ କିଟ୍‌ର ଗବେଷଣା ଓ ସର୍ଜନା ମହାନିର୍ଦ୍ଦେଶକ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମଧ୍ୟ ସାମୁଦ୍ରିକ ଅର୍ଥନୀତି ସୁଯୋଗ ଉପରେ ସେମାନଙ୍କର ମତ ରଖିଥିଲେ। ଏହା ସହିତ ସେମାନେ ଜୈବ ପ୍ରଯୁକ୍ତିବିଦ୍ୟାର ବିକାଶଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ସହଯୋଗର ପ୍ରୋତ୍ସାହନ ଉପରେ ମତ ରଖିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନତ ଜୀବିକା ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ସାମୁଦ୍ରିକ ଅର୍ଥନୀତିର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। 'ବ୍ଲୁ-ଇକୋନୋମୀରେ ମତ୍ସ୍ୟଚାଷ, ଜଳକୃଷି ଏବଂ ପର୍ଯ୍ୟଟନ ସମେତ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀ ସାମୁଦ୍ରିକ ସଂପଦକୁ ସ୍ଥାୟୀ ଭାବରେ ବ୍ୟବହାର କରି ଭାରତର ନିଜସ୍ୱ ଅଭିବୃଦ୍ଧି ମଡେଲକୁ ଗଠନ କରିବା ଉପରେ ଶ୍ରୀ ସାମନ୍ତ ଗୁରୁତ୍ୱାରୋପ କରିଥିଲେ। ସାମୁଦ୍ରିକ ସମ୍ବଳର ଅର୍ଥନୈତିକ ସୁବିନିଯୋଗ ଦିଗରେ ଅଧିକ ଗବେଷଣା କରାଯିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବିଶ୍ୱର ବିଭିନ୍ନ ସ୍ଥାନରୁ ନୀତି ନିର୍ଦ୍ଧାରକ, ଗବେଷକ ଏବଂ ଛାତ୍ରଛାତ୍ରୀଙ୍କ ସମେତ ୮୦୦ ରୁ ଅଧିକ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି, ଜଳକୃଷି ଏବଂ ପର୍ଯ୍ୟଟନ କ୍ଷେତ୍ରର ବିଶେଷଜ୍ଞ ୫୦ଟି ଷ୍ଟାର୍ଟଅପ୍ କଂପାନୀ ପ୍ରଦର୍ଶିତ ହୋଇଥିଲା।

# ମେଡିକାଲ ଓ ସ୍ୱାସ୍ଥ୍ୟ ସେବା ସଂଶୋଧନ ନିୟମାବଳୀ ପ୍ରସ୍ତାବକୁ ମିଳିଲା କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର(ଭିଓଭି): ଓଡିଶା ମେଡିକାଲ ଏବଂ ସ୍ୱାସ୍ଥ୍ୟ ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତ) ନିୟମାବଳୀ, ୨୦୧୭ରେ ସଂଶୋଧନ ପାଇଁ ଓଡିଶା କ୍ୟାବିନେଟ ବୁଧବାର ଦିନ ଅନୁମୋଦନ କରିଛି। ଏହି ସଂଶୋଧନର ଲକ୍ଷ୍ୟ ହେଉଛି ଓଡ଼ିଶା ମେଡିକାଲ୍ ଏବଂ ସ୍ୱାସ୍ଥ୍ୟ ସେବା (ଓଏମଏଚଏସ) କ୍ୟାଡରରେ ଡାକ୍ତରୀ ଅଧିକାରୀଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା। ଏହି ନିଷ୍ପତ୍ତି ପରେ ସରକାର ରାଜ୍ୟର ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ୫୦୦୦ରୁ ଅଧିକ ଗ୍ରୁପ୍-ଏ (ଜୁନିଅର ଶାଖା) ମେଡିକାଲ୍ ଅଫିସର ନିଯୁକ୍ତି ପାଇଁ ଓଡିଶା ଜନସେବା ଆୟୋଗ (ଓପିଏସସି)କୁ ଏକ ଅନୁରୋଧ ପଠାଇବେ। ଓଏମଏଚଏସ କ୍ୟାଡରର ଏହି ସଂଶୋଧନ ସମ୍ପର୍କରେ ଚଳିତ ବର୍ଷ ଆରମ୍ଭରେ ଜାରି କରାଯାଇଥିବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ନିଷ୍ପତ୍ତିରେ ଦର୍ଶାଯାଇଥିଲା। ସଂଶୋଧିତ ଢାଞ୍ଚା କ୍ୟାଡର ମଧ୍ୟରେ ପ୍ରୋତ୍ସାହନମୂଳକ ସୁଯୋଗକୁ ବଢ଼ାଇବା ଏବଂ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚଏଚ ), ଉପ-ବିଭାଗୀୟ ଡାକ୍ତରଖାନା (ଏସଡିଏଚ) ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)



ସ୍ତରରେ ବିଶେଷ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଅଧିକ ବିଶେଷଜ୍ଞଙ୍କୁ ଆକର୍ଷିତ କରିବାର ଲକ୍ଷ୍ୟ ରଖିଛି। ସଂଶୋଧନର ଏକ ମୁଖ୍ୟ ଆକର୍ଷଣ ହେଉଛି ଉଚ୍ଚ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କ ପାଇଁ ଅତିରିକ୍ତ ଗୁରୁତ୍ୱ ପ୍ରଦାନ। ସ୍ୱୀକୃତିପ୍ରାପ୍ତ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ଥିବା ମେଡିକାଲ୍ ଅଧିକାରୀମାନେ ବାର୍ଷିକ ତିନିଟି ଅଗ୍ରୀମ ବୃଦ୍ଧି ପାଇବେ, ଏବଂ ସ୍ୱୀକୃତିପ୍ରାପ୍ତ ସୁପର ସ୍ପେସିଆଲାଇଜେସନ୍ ଡିଗ୍ରୀ ଥିବା ବ୍ୟକ୍ତିମାନେ ଯୋଗଦେବା ଦିନଠାରୁ ଗ୍ରୁପ୍-ଏ (ଜୁନିଅର୍ ଶାଖା) ପେ ସ୍କେଲରେ ପାଞ୍ଚଟି ବୃଦ୍ଧି ପାଇବେ। ଏହି ସଂଶୋଧନଗୁଡ଼ିକ ଆୟୋଗ ଦ୍ୱାରା କରାଯାଇଥିବା ଏକ ପରୀକ୍ଷାରେ ସୁରକ୍ଷିତ ମାର୍କ ଉପରେ ଆଧାର କରି ଏକ ୟୁନିଫର୍ମ ଏବଂ ନ୍ୟାୟଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ଯୋଗ୍ୟ ତଥା ଯୋଗ୍ୟ ପ୍ରାର୍ଥୀ ଚୟନକୁ ସୁନିଶ୍ଚିତ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ସରଳ କରିଥାଏ। ଅତିରିକ୍ତ ଭାବରେ, ଉଚ୍ଚ ଗ୍ରେଡ୍ ପଦୋନ୍ନତି ପାଇଁ ଯୋଗ୍ୟତା ମାନଦଣ୍ଡ ମେଡିକାଲ୍ ଅଧିକାରୀଙ୍କ ପାଇଁ କ୍ୟାରିୟରର ପ୍ରଗତି ନିଶ୍ଚିତ କରିବାକୁ ସ୍ଥିର କରାଯାଇଛି। ସଂଶୋଧିତ ନିୟମାବଳୀ ବିଭିନ୍ନ ସ୍ତରରେ ବିଶେଷଜ୍ଞ ପଦବୀ ପୂରଣ କରିବ ବୋଲି ଆଶା କରାଯାଉଛି। ପ୍ରସୂତି ଏବଂ ସ୍ତ୍ରୀ ରୋଗ, ଶିଶୁ ଚିକିତ୍ସା, ଚିକିତ୍ସା ଏବଂ ସର୍ଜରୀରେ ଆବଶ୍ୟକ ଚାରିଜଣ ବିଶେଷଜ୍ଞଙ୍କ ସହ ସିଏଚସି ଗୁଡ଼ିକର କର୍ମଚାରୀଙ୍କ ଦୀର୍ଘ ଦିନର ସ୍ୱାସ୍ଥ୍ୟ ସେବା ଆହ୍ୱାନର ସମାଧାନ କରିବ।

# JUDICIAL DISCRETION IN SENTENCING PROCESS



**Sanjaya Kumar Sahoo**
M.Sc., M.A, LL.M.
Director Legal Affairs, SOA
Former District & Sessions Judge.
Ph:8270203063
E-Mail: sksahoo.judiciary@gmail.com

***Sentencing*** is basically a statement provided in the judgment. which shows the quantum of punishment for a particular offence and when this sentence is put into action, then it becomes punishment. Sentencing Discretion is referred as the power of the judiciary which enables them to make legal decisions at their own discretion. In other words judicial discretion refers to a judge's power to make a decision based on his or her individualized evaluation guided by the principles of law Judicial discretion gives courts immense power which is exercised when legislature allows for it. The role of judicial discretion in the sentencing process is a fundamental and inescapable issue. When it does come to the public's attention, it is usually in a context of controversy over what a judge has done. However, where the exercise of discretion goes beyond constraints set down by legislation, the court may be abusing its discretion and undermining the rule of law. In that case, the decision of the court may be ultra vires, and may sometimes be characterized as judicial activism There exists no such set of guidelines that the court of law adopts for sentencing of the accused. Neither the legislature nor the judiciary has issued any sort of structured sentencing guidelines Therefore, each Judge exercises discretion accordingly to his/her own judgment and mind set. Some Judges are lenient and some are harsh.

Many offence under Bharatiya Nyaya Sahinta, 2023 and other laws of the land provides for maximum and minimum punishment and the Judge Bas wide discretion in awarding the sentence within the statutory limits.


A proper sentence is a composite of many factors, including the nature of offence, the circumstances-extenuating or aggravating of the offense, the prior criminal record, if any, of the offender, the age of the offender, the professional or social record of the offender, the background of the offender with reference to the education, home life, sobriety and social adjustment, the emotional and mental condition of the offender, the prospect for the rehabilitation of the offender, the possibility of a return of the offender to normal life in the community, the possibility of treatment or training of the offender, the possibility that the sentence may serve as a deterrent to crime by this offender, or by others, and the present community need, if any, of such a deterrent in respect to the particular type of offense involved.

The exercise of judicial discretion while sentencing is considered to be omnipotent when vested with judges in respect of judicial proceedings. The penal law first prescribes the maximum punishment to be awarded in respect of an offence and then leaves it to the discretion of the courts to pass suitable sentence, however the same has to be within the prescribed limit. The policy of criminal law is to fix a maximum penalty regardless of the nature of the crime, leaving a wide discretion in the matter of the punishment to the judge.

Imposing appropriate punishments on criminals is the way adopted by the courts to respond to society's cry for justice. Serving justice means that the court should impose punishment in a way that should reflect public abhorrence of the crime. The courts while imposing punishment keep in mind a lot of factors, i.e. rights of the accused, the rights of the victim, and the public at large. Also, giving undue sympathy to any of the parties to the case would harm the criminal justice system.

# ଶ୍ରୀଜଗନ୍ନାଥ ମନ୍ଦିର ଭିତରକୁ ହ୍ୱିଲଚେୟାର ଉପରେ ନିର୍ଭରଶୀଳ ଦିବ୍ୟାଙ୍ଗଙ୍କ ପ୍ରବେଶ ପ୍ରସଙ୍ଗ, ଜବାବ ଦାଖଲ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ: ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ହ୍ୱିଲ ଚେୟାର ମାଧ୍ୟମରେ ଦିବ୍ୟାଙ୍ଗଙ୍କ ପ୍ରବେଶ ପାଇଁ ବ୍ୟବସ୍ଥା ପ୍ରସଙ୍ଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ମାମଲାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହିତ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଫେବୃଆରି ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ମୃଣାଳିନୀ ପାଢୀଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗ ବିଶେଷ କରି ହ୍ୱିଲଚେୟାର ଉପରେ ନିର୍ଭର କରୁଥିବା ଏପରି ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ



ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଦାୟର ମାମଲାରେ ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସୁପ୍ରିମକୋର୍ଟଙ୍କ ୨୦୧୯, ନଭେମ୍ବର ୪ର ନିର୍ଦ୍ଦେଶରେ ଏହି କଥା ଉଲ୍ଲେଖ କରାଯାଇଥିଲା। ସେତେବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କହିଥିଲା ଯେ ଦିବ୍ୟାଙ୍ଗଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ଏପରି କିଛି ବ୍ୟବସ୍ଥା କରାଯାଇ ନାହିଁ। ହ୍ୱିଲଚେୟାର ଉପରେ ନିର୍ଭର କରୁଥିବା ଦିବ୍ୟାଙ୍ଗମାନେ ଯେପରି ଶ୍ରୀମନ୍ଦିର ଭିତରକୁ ସହଜରେ ପ୍ରବେଶ କରି ଶ୍ରୀଜିଉଙ୍କ ଦର୍ଶନ କରିବେ ସେଥି ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ ଦିବ୍ୟାଙ୍ଗ ବିଶେଷ କରି ହ୍ୱିଲଚେୟାର ଉପରେ ନିର୍ଭର କରୁଥିବା ଏପରି ଶ୍ରଦ୍ଧାଳୁଙ୍କ ଶ୍ରୀମନ୍ଦିର ଭିତରେ ପ୍ରବେଶ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯାଉ ବୋଲି ଦର୍ଶାଇ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହୋଇଛି। ଆବେଦନକାରୀଙ୍କ ତରଫରୁ ଦାୟର ମାମଲାରେ ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସୁପ୍ରିମକୋର୍ଟଙ୍କ ୨୦୧୯, ନଭେମ୍ବର ୪ର ନିର୍ଦ୍ଦେଶରେ ଏହି କଥା ଉଲ୍ଲେଖ କରାଯାଇଥିଲା। ସେତେବେଳେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କହିଥିଲା ଯେ ଦିବ୍ୟାଙ୍ଗଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ ଏପରି କିଛି ବ୍ୟବସ୍ଥା କରାଯାଇ ନାହିଁ।




VOICE OF VICTIMS
Empowering Hope, Dignity & Respect

ଭଏସ୍ ଅଫ୍ ଭିକ୍ଟିମ୍ସ ଟ୍ରଷ୍ଟ୍ ର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜୀବନ ସଦସ୍ୟତା ନିମନ୍ତେ ଇଚ୍ଛୁକ ବ୍ୟକ୍ତିବିଶେଷ ନିମ୍ନଲିଖିତ ଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ଯୋଗାଯୋଗ କରି ପ୍ରଦତ୍ତ ଆକାଉଣ୍ଟରେ ଦେୟ ପଇଠ କରିବାକୁ ଅନୁରୋଧ।

**Voice of Victims Trust**
Phone No:6371417361
Email:voiceofvictimsnews@gmail.com
Current Account No: 40187930783
SBI Old Town Branch, Bhubaneswar
IFSC: SBIN0003108

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର